


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା, ୮ ପୃଷ୍ଠା

8 Pages, ₹ 2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

E-mail : sambadkalikanews@gmail.com

● ବର୍ଷ–୩୨ ● ସଂଖ୍ୟା–୨୩୦ ● ୧୭ ସେପ୍ଟେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-230 ● 17th September 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27





31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ସେପ୍ଟେମ୍ବର ୨୦୨୫ ବୁଧବାର





# ୫୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ:ଜଣେ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁନଙ୍ଗ କେନାଲ ବନ୍ଧରୁ ବ୍ରାଉନ୍ ସୁଗାର ଜବତ ଓ ଜଣକୁ ଜଗତସିଂହପୁର ପୋଲିସ ଗିରଫ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୁନଙ୍ଗ କେନାଲ ରୋଡ ମାର୍କେଣ୍ଡେଶ୍ୱର ମନ୍ଦିର ନିକଟରୁ ବ୍ରାଉନ୍ ସୁଗାର କିଭଳି ଜବତ ହେବା ସହିତ ଜଣକୁ ଗିରଫ କରିବାରେ ସଫଳ ହେଲେ ସେହି ବିଷୟରେ ସୂଚନା ଦେଇଥିଲେ । ଜଗତସିଂହପୁର ଏସ୍‌ଆଇ ବିବେକାନନ୍ଦ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ପୁନଙ୍ଗ କେନାଲ ବନ୍ଧରେ ବ୍ରାଉନ୍ ସୁଗାର କାରବାର ହେଉଥିବା ନେଇ ସୂରାଗ ପାଇବା ପରେ ସଂଗେ ସଂଗେ ସେହି ସ୍ଥାନରେ ଚଢ଼ଉ କରିଥିଲା । ସେଠାରେ ମାର୍କଣ୍ଡପୁର ଗ୍ରାମର ରାଜେନ୍ଦ୍ର ଦାସଙ୍କ ୩୬ ବର୍ଷ ପୁଅ ଦୀପକ ଦାସ ଠାରୁ ୫୦ ଗ୍ରାମର ବ୍ରାଉନ୍ ସୁଗାର ଯାହାର




ଆନୁମାନିକ ମୂଲ୍ୟ ୫ ଲକ୍ଷ ହେବ ବିକ୍ରୟ କରୁଥିଲେ । ଖବରପାଇ ଜଗତସିଂହପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୀପକକୁ ଧରିବା ସହିତ ୫୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରି ଥାନାକୁ ଆଣିଥିଲା । ଦୀପକ ନାଁରେ ଜଗତସିଂହପୁର ଥାନାରେ ପୂର୍ବରୁ ୩ଟା କ୍ରିମିନାଲ୍ କେଶ୍ ରହିଥିବା ବେଳେ କେଶ୍ ନମ୍ବର ୧୯୫/୨୦୧୯ ଏନ୍‌ଡିପିସି ଆକ୍ଟ, ୩୨୭/୨୦୨୧, ୪୨୪/୨୦୧୫, ୪୨/୨୦୨୧ରେ ବିଭିନ୍ନ ଦଫାରେ ମାମଲା ରହିଛି । ୫୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରି ପୋଲିସ କେଶ୍ ନମ୍ବର ୭୩୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଦୀପକକୁ କୋର୍ଟ ଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବର୍ମା ସୂଚନା ପ୍ରଦାନ କରିଥିଲେ ।

## କଟକ ନାଟ୍ୟୋତ୍ସବ-୨୦୨୫

# ସଂସ୍କୃତିର ପୁନରୁଦ୍ଧାର କରିବା ନାଟ୍ୟୋତ୍ସବର ମୂଳ ଲକ୍ଷ୍ୟ

**କଟକ, ନ୍ୟୁଜ୍ ବ୍ୟୁରୋ**

ଲୁକ୍କାୟିତ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏବଂ ଆଗାମୀ ପିଢ଼ୀ ପାଇଁ କଳାକାର, କାହାଣୀ ଲେଖକ, ସଂଳାପ ଲେଖକ, ନିର୍ଦ୍ଦେଶକ, ଗୀତିକାର ଆଦି ସୃଷ୍ଟି କରିବା ସହ ନାଟକ ଆନ୍ଦୋଳନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ରୌପ୍ୟନଗରୀ କଟକରେ ଆରମ୍ଭ ହେବାକୁ ଯାଉଛି କଟକ ନାଟ୍ୟୋତ୍ସବ-୨୦୨୫, ଯୁବ ଉଦ୍ଦୀପନା, ଯୁବ ସୃଜନ । ଏକଦା ନାଟ୍ୟ ସଂସ୍କୃତିର ଏକ୍ରୁତିଶାଳ ଥିବା କଟକରେ ନାଟକ ସଂସ୍କୃତିକୁ ପୁଣି ଥରେ ଉଜ୍ଜିବୀତ କରିବା ପାଇଁ ଏହି ଉଦ୍ୟମ କରାଯାଉଥିବା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି । କଟକ ନାଟ୍ୟୋତ୍ସବ-୨୦୨୫ ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଛନ୍ତି ଯେ, ଏହି ନାଟ୍ୟୋତ୍ସବ ନାଟକ ପରିବେଷଣ ମାଧ୍ୟମରେ ଯୁବ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ସହ ନାଟକ ପରିବେଷଣ କରିବା ପାଇଁ ମଞ୍ଚ ପରିବେଶ ତଥା ଦିଗ୍‌ଦର୍ଶନ ଦେବା ପାଇଁ ବିଶେଷଜ୍ଞମାନଙ୍କ ପରାମର୍ଶ ଯୋଗାଇଦେବ । ଯୁବ ନାଟ୍ୟ ପ୍ରତିଭାଙ୍କୁ ସୁଯୋଗ ଦେବା ପାଇଁ କଟକରେ ପ୍ରଥମ ଥର ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ ଜିଲ୍ଲା ପ୍ରଶାସନ ଦ୍ୱାରା କରାଯାଉଛି ଯାହା ଆଗାମୀ ବର୍ଷମାନଙ୍କରେ




ଜାରି ରହିବ । ଏହି ନଟ୍ୟୋତ୍ସବରେ କଟକ ଜିଲ୍ଲାର ୧୯ଟି ମହାବିଦ୍ୟାଳୟ ଅଂଶଗ୍ରହଣ କରୁଛନ୍ତି ଯାହାକି ପ୍ରତିଯୋଗିତାମୂଳକ ହେବ । ପ୍ରତିଯୋଗିତାରେ କେବଳ ମୌଳିକ ଲେଖାକୁ ବିବେଚନା କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୧ ସେପ୍ଟେମ୍ବରରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଅଂଶଗ୍ରହଣକାରୀମାନେ ସହିଦ ଭବନରେ ନାଟକ ପରିବେଷଣ କରିବେ । ଏହା ପୂର୍ବରୁ ନାଟ୍ୟ ବିଶେଷଜ୍ଞମାନେ ସେମାନଙ୍କ ଅନୁଷ୍ଠାନ ଭ୍ରମଣ କରି ବିଭିନ୍ନ ବିଷୟରେ ସେମାନଙ୍କୁ ପରାମର୍ଶ ଦେବେ । ବିଚାରକମାନେ ଅଂଶଗ୍ରହଣକାରୀ ଦଳଗୁଡିକ ମଧ୍ୟରୁ ୧୦ଟି ଦଳକୁ ଚୟନ କରିବେ । ଏବଂ ଏହି ୧୦ଟି ଦଳ ଅକ୍ଟୋବର ୪ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ଥିଏଟର ଓ ଜନତା ରଙ୍ଗମଞ୍ଚରେ ନାଟ୍ୟ ବିଶେଷଜ୍ଞମାନଙ୍କ ସହାୟତା ଓ ପରାମର୍ଶ ମାଧ୍ୟମରେ ସ୍ୱତନ୍ତ୍ର ଅଭ୍ୟାସ ଜାରି ରଖି ନିର୍ଣ୍ଣାୟକ ପର୍ଯ୍ୟାୟ ନିମନ୍ତେ ପ୍ରସ୍ତୁତି କରିବେ । ଏହାପରେ ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କଳା ବିକାଶ କେନ୍ଦ୍ରରେ କଟକ ନାଟ୍ୟୋତ୍ସବ ୨୦୨୫ ନିର୍ଣ୍ଣାୟକ ପର୍ଯ୍ୟାୟ ଅନୁଷ୍ଠିତ ହେବ ଏବଂ ସେଠାରୁ ବିଜେତାମାନଙ୍କୁ ଚୟନ କରାଯିବ । ଚାମ୍ପିଅନ୍ ଦଳକୁ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ସହ ଟ୍ରଫି, ପ୍ରଥମ ରନର୍ସ ଅପ୍ ଦଳକୁ ୭୦ ହଜାର ଟଙ୍କାର ନଗଦ ପୁରସ୍କାର ସହ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କାର ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ । ଏହାବ୍ୟତୀତ ୭ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ସାନ୍ତ୍ୱନାମୂଳକ ଟ୍ରଫି ସହ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଅଭିନୟ ଦକ୍ଷତା, କାହାଣୀ, ସଂଳାପ ପରିବେଷଣ, ସୃଜନଶୀଳତା, ସମନ୍ୱୟ, ମଞ୍ଚ କାରିଗରୀ, ସମୟ ଆଦିକୁ ଦୃଷ୍ଟିରେ ରଖି ବିଜେତା ଦଳ ଚୟନ କରାଯିବ । ଏହି ମହୋତ୍ସବ ଯୁବପିଢ଼ୀଙ୍କ ମଧ୍ୟରେ କଳାତ୍ମକ ଅଭିବ୍ୟକ୍ତି ଓ ନାଟ୍ୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ସହ ଏକ ପ୍ରତିଯୋଗିତାମୂଳକ ପ୍ଲାଟ୍‌ଫର୍ମ ଯୋଗାଇଦେବ । ଯୁବପିଢ଼ୀଙ୍କ ମଧ୍ୟରେ କଳା ପ୍ରଦର୍ଶନର ଆଗ୍ରହକୁ ପୁନର୍ଜୀବୀତ କରିବ ଏବଂ ସାଂସ୍କୃତିକ ଆଦାନ ପ୍ରଦାନକୁ ସୁଦୃଢ଼ କରିବ । ଦୁଇଟିଯାକ ପର୍ଯ୍ୟାୟରେ ସାଧାରଣ ଦର୍ଶକ ବହୁ ସଂଖ୍ୟାରେ ଯୋଗଦେଇ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ନାଟ୍ୟୋତ୍ସବ ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଅବସରରେ କଟକ ନାଟ୍ୟୋତ୍ସବ ୨୦୨୫ର ଲୋଗୋ ଉନ୍ମୋଚନ କରାଯାଇଥିଲା । ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଚଳଚ୍ଚିତ୍ର ତାରକା ଶ୍ରୀତମ ଦାସ, ନାଟ୍ୟ ପରାମର୍ଶଦାତା ଉମେଶ ଦାସ, ଅକ୍ଷୟ ରଣା, ମହମ୍ମଦ ସଇଫୁଲ୍ଲା ହକ୍, ଶ୍ରୀକାନ୍ତ ଚୌଧୁରୀ, ଦେବୁ ପଟ୍ଟନାୟକ, ବବି ଇସଲାମ ଓ ସନ୍ଦିପ ପାଣି ପ୍ରମୁଖ ଉପସ୍ଥିତ ଥିବା ସହ ଭାଗ ନେଇଥିବା ମହାବିଦ୍ୟାଳୟର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ଅଧ୍ୟାପକଙ୍କୁ ବହିଷ୍କାର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ନକଲି ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ଅଧ୍ୟାପକଙ୍କୁ ଜଗତସିଂହପୁର ଉପଜିଲ୍ଲାପାଳ ବହିଷ୍କାର କରିଛନ୍ତି । ଜଗତସିଂହପୁର ଜିଲ୍ଲା ବାଲିକୁଦା କଲେଜରେ ୭ ବର୍ଷ ଧରି କମର୍ସ ଅଧ୍ୟାପକ ଭାବେ ସନ୍ତୋଷ କୁମାର ଶତପଥି କାର୍ଯ୍ୟ କରୁଥିଲେ । ଏମ୍‌କମ୍ ନକଲି ସାର୍ଟିଫିକେଟ୍ ଦେଇ ସେ ୨୦୧୮ ମସିହାରୁ ଚାକିରୀ କରୁଥିଲେ । ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ ପରେ ଆର୍‌ଡ଼ିସିଙ୍କ ନିର୍ଦ୍ଦେଶକ୍ରମେ ୨୦୨୨ ମସିହାରେ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ତଦନ୍ତ କରିଥିଲେ । ତଦନ୍ତରେ ସିକିମ ରାଜ୍ୟର ଏକ ଫେକ୍ ବିଶ୍ୱବିଦ୍ୟାଳୟରୁ ଏମ୍‌କମ୍ ପାସ୍ କରିଥିବା ନକଲି ସାର୍ଟିଫିକେଟ ଦେଇଥିବା ଜଣାପଡିଥିଲା । କମିଟି ରିପୋର୍ଟ ଦେବାପରେ ଗତ ୬ ତାରିଖରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହିତ ୭ ବର୍ଷ ଧରିନେଇଥିବା ଦରମାକୁ ଆଦାୟ କରିବାକୁ ନିର୍ଦ୍ଦେଶ ରହିଛି ।

# ପିଜିଟି ଶିକ୍ଷକମାନଙ୍କ ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇଂରାଜୀ ବିଷୟର ସ୍ନାତକୋତ୍ତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ୫ ଦିନିଆ ଦକ୍ଷତା ବିକାଶ କର୍ମଶାଳା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଠାରେ ଆୟୋଜିତ କରାଯାଇଛି । ଏହି ପ୍ରଶିକ୍ଷଣରେ ୫୦ ଜଣ ପିଜିଟି (ଇଂରାଜୀ) ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ଉଦ୍‌ଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି, ଉପ-ନିର୍ଦ୍ଦେଶକ ସିଏଚ୍. ବିଜୟଲକ୍ଷ୍ମୀ, ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଅଧ୍ୟାପକ ପାର୍ଥ ସାରଥି ମିଶ୍ର ଏବଂ ଜେନି ଆଲେକ୍ସ ଉପସ୍ଥିତ ଥିଲେ । ଏହି ୫ ଦିନିଆ ଦକ୍ଷତା ବିକାଶ କର୍ମଶାଳା ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର




ସହଯୋଗରେ ଆୟୋଜିତ କରାଯାଇଛି । ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ କହିଛନ୍ତି, ଏହି କର୍ମଶାଳା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଯୋଗାଯୋଗ ଦକ୍ଷତାକୁ ପ୍ରୋତ୍ସାହିତ କରିବ । ଏହିଠାରୁ ତାଲିମ୍ ଗ୍ରହଣ କରି ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିଜ ସମାଜ ଓ କଲେଜରେ ଶିକ୍ଷାଦାନ କ୍ଷେତ୍ରରେ ଆମ୍ବାସାଡର୍ ଭାବେ କାର୍ଯ୍ୟ କରିବେ । ନୂତନ ଜାତୀୟ ଶିକ୍ଷା ନୀତି ଆଧାରରେ ସମଗ୍ର ବିଶ୍ୱରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଏକ ଉଦାହରଣ କରିବା ପାଇଁ ହେଲେ ଛାତ୍ରଛାତ୍ରୀମାନଙ୍କୁ କ୍ଷେତ୍ରୀୟ ଅଭିଜ୍ଞତାର ଆବଶ୍ୟକତା ରହିଛି, ଏଥିନିମନ୍ତେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପ୍ରଥମେ ଦକ୍ଷ ହେବା ଜରୁରୀ । ଏଥିସହ ଶ୍ରୀମତୀ ନନ୍ଦ ଶିକ୍ଷାର ପ୍ରୟୋଗାତ୍ମକ ଦିଗକୁ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ରାଜ୍ୟର ସମସ୍ତ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ପର୍ଯ୍ୟାୟକ୍ରମେ ସମୟାନୁସାରେ ତାଲିମ୍ ଦିଆଯିବା ନେଇ ସୂଚନା ଦେଇଛନ୍ତି । ଏଥିସହ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି । ଉପ-ନିର୍ଦ୍ଦେଶକ ସିଏଚ୍. ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି । ସେହିପରି ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି କର୍ମଶାଳାର ତଦାରଖ କରିଛନ୍ତି । ଏହି ପାଞ୍ଚ ଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ପିଜିଟିମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ । ଶିକ୍ଷାଦାନ ଓ ମୂଲ୍ୟାଙ୍କନ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ଏହି କର୍ମଶାଳାର ଆୟୋଜନ । କର୍ମଶାଳାରେ ଅଂଶଗ୍ରହଣକାରୀମାନେ ଶିକ୍ଷାର୍ଥୀମାନଙ୍କ ବିଭିନ୍ନ ଆହ୍ୱାନ, ଭାଷା ଶିକ୍ଷାଦାନର ଲକ୍ଷ୍ୟ ବିଷୟରେ ଜାଣିବେ । ଏଥିସହ ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା-ଆଧାରିତ ଯୋଗାଯୋଗ କାର୍ଯ୍ୟକଳାପ ଏବଂ ସମାଲୋଚନାତ୍ମକ ବିଶ୍ଳେଷଣ ମାଧ୍ୟମରେ ପଠନ ପଦ୍ଧତି ଉପରେ ମଧ୍ୟ ଧ୍ୟାନ ଦିଆଯିବ । ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ ଅନୁଯାୟୀ ମୂଲ୍ୟାଙ୍କନ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯିବ, ଯେଉଁଥିରେ ପ୍ରଶ୍ନପତ୍ର ବିଶ୍ଳେଷଣ ଏବଂ ଦକ୍ଷତା-ଆଧାରିତ ମୂଲ୍ୟାଙ୍କନ ଅନ୍ତର୍ଭୁକ୍ତ ।

# ଚୋରଦା ମାଛ ମାର୍କେଟ୍ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ନେଇ ଅସନ୍ତୋଷ




**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଚୋରଦା ମାଛ ମାର୍କେଟ୍ କେବେ ଉଦ୍ଘାଟନ ହେବ । ବହୁଦିନ ହେଲା ନିର୍ମାଣ ଶେଷ ହେଲା ପରେ ବି ଏହି ମାର୍କେଟ୍ ଉଦ୍‌ଘାଟନ ନହେବାରୁ ତାହା ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ୟାସନଗର ପୌର ପରିଷଦ ପକ୍ଷରୁ ଏକ କୋଟି ଟଙ୍କାରେ ମାଛ ମାର୍କେଟ୍ ନିର୍ମାଣ ପାଇଁ ଅନୁଦାନ ୨୦୧୫ ମସିହା ମିଳିଥିଲା । ଏହି ମାର୍କେଟ୍ ସେତେବେଳେ ରାଜନେତାମାନେ ୩ ଥର ଶିଳାନ୍ୟାସ କରିଥିଲେ । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଦଶ ବର୍ଷ ଲାଗିଗଲା । ସମ୍ପୂର୍ଣ୍ଣ ହେଲା ପରେ ମଧ୍ୟ ଉଦ୍ଘାଟନ ହୋଇପାରୁନାହିଁ । ଚୋରଦା ମାଛ ମାର୍କେଟ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ମାଛ ବ୍ୟବସାୟୀ ମାଛ ବେପାର କରି ଜୀବିକା ନିର୍ବାହ କରୁଛନ୍ତି । ସେମାନଙ୍କ ଠାରୁ ଘର ଦେବା ପାଇଁ ପୌରପରିଷଦ ମୋଟା ଅଙ୍କରେ ସାଲାମୀ ନେଇଛି କିନ୍ତୁ ସେମାନଙ୍କୁ ଘର ଦିଆଯାଉନାହିଁ । ସେମାନ ରାସ୍ତା କଡ଼ରେ ଖରା ବର୍ଷା ଶୀତାରେ ଜୀବିକା ନିର୍ବାହ ପାଇଁ ବ୍ୟପାର କରୁଛନ୍ତି । ରାସ୍ତା କଡ଼ରେ ମାଛ ପସରା ମେଲାଇ ମାଛ ବିକ୍ରି କରୁଛନ୍ତି । ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ମାଛରୁ ବାହାରୁଥିବା କାତି ଓ ଅନନ୍ୟା ବର୍ଜବସ୍ତୁ ରାସ୍ତା ଉପରେ ପକାଇ ଦେଉଛନ୍ତି । ଯାହାଫଳରେ ବର୍ଷା ପାଣିରେ ପଚି ଦୁର୍ଗନ୍ଧମୟ ସୃଷ୍ଟି ହେବା ସଂଗେ ସଂଗେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ନିର୍ମାଣ ହୋଇଥିବା ମାର୍କେଟ୍ କମ୍ପ୍ଲେକ୍ସ ପଡିରହିଥିବାରୁ କବାଟ ଗ୍ରିଲ୍‌ରେ ଜଙ୍କ ଲାଗିଗଲାଣି ଏବେ ମଧ୍ୟ ମରାମତି ହୋଇ ପଡିରହିଛି । ବ୍ୟାସନଗର ପୌରପରିଷଦ ରାଜନୀତି ପଶା କାଠିରେ ଏହି ମାର୍କେଟ୍ କମ୍ପ୍ଲେକ୍ସକୁ ଉଦ୍ଘାଟନ ନେଇ ବିବାଦ ଯୋଗୁ ଏପରି ପରିସ୍ଥିତି ଉପୁଜିଛି ବୋଲି କୁହାଯାଉଛି । କେବେ ମାଛ ମାର୍କେଟ୍ ଉଦ୍ଘଟନ ହୋଇ କାର୍ଯ୍ୟକାରୀ ହେବ କାହାରି ପାଖରେ ଉତ୍ତର ନାହିଁ ।




# ୩ ଡକାୟତ ଗିରଫ:ସୁନା ଅଳଙ୍କାର ଓ ଟଙ୍କା ଜବତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ମୁରାଦାବାଦ ଗ୍ରାମରେ ଗତ ମାସ ତିରିଶ ତାରିଖ ରାତିରେ ଭୁବନେଶ୍ୱରର ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଘରେ ଏକ ବଡଧରଣର ଡକାୟତି ହୋଇଥିଲା । ଏହା ନେଇ ଲିଖିତ ଅଭିଯୋଗ ପରେ ନିଶ୍ଚିନ୍ତକୋଇଲି ପୋଲିସ ବିଭିନ୍ନ ଜିଲ୍ଲାରେ ଚଢ଼ଉ କରି ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛନ୍ତି । ସେମାନଙ୍କ ଠାରୁ ୮୦ ଗ୍ରାମ୍ ସୁନା, ୭୦ ଗ୍ରାମ୍ ରୁପା ଓ ନଗଦ ୨୦ ହଜାର ଟଙ୍କା ଜବତ କରାଯାଇଛି । ଗିରଫ ବ୍ୟକ୍ତିମାନଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ସାମ୍ବାଦିକ ସମ୍ମିଳନୀ ପ୍ରକାଶ କରିଛନ୍ତି, ସାଲେପୁର ଏସ୍‌ଡିପିଓ ଓ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ । ସେମାନଙ୍କୁ କୋର୍ଟ ଚାଲାଣ ଲରାଯାଇଥିବା ସୂଚନା ଦେଇଛି ପୋଲିସ ।

# ବାଚସ୍ପତି ସୁରମା ପାଢ଼ୀଙ୍କ ସହ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବେଙ୍ଗାଲୁରୁ ଆଗରା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରବାସୀ ଓଡ଼ିଆ ୱେଲ୍‌ଫେୟାର ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଯୋଗ ଦେଉଥିଲେ । ବେଙ୍ଗାଲୁରୁ ଓଡ଼ିଆ ସାହିତ୍ୟ ସମାଜ ତରଫରୁ ଡ଼ଃ ଶିତିକଣ୍ଠ ଷଡ଼ଙ୍ଗୀ, ତାପସ ରାଜ୍ ମହାରଣା ଓ ଯାଜ୍ଞସେନି ପଣ୍ଡା ପ୍ରମୁଖଙ୍କ ସମେତ ବିଭିନ୍ନ ପ୍ରବାସୀ ଓଡ଼ିଆ ସଂଗଠନ ପ୍ରମୁଖ ସାକ୍ଷାତ ଆଲୋଚନା କରିଥିଲେ । ସମସ୍ତ ଅନୁଷ୍ଠାନ ମାନଙ୍କ ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରବାସରେ ଓଡ଼ିଆ ସଂସ୍କୃତି, କଳା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଓଡ଼ିଶା ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ଗୁରୁତ୍ୱାରୋପ କରିଥିଲା । ଏହି



ସମ୍ମିଳନୀରେ ପ୍ରବାସୀ ଓଡ଼ିଆମାନଙ୍କ ସାମ୍ନାରେ ଆସୁଥିବା ଅନେକ ପ୍ରାକ୍ତିକ ସମସ୍ୟା ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା, ଚିକିତ୍ସା ସୁବିଧା ଓ ସାମାଜିକ ସହାୟତା ବିଷୟରେ ଆଲୋଚନା କରାଯାଇଥିଲା । ସମସ୍ତ ଅନୁଷ୍ଠାନର ପ୍ରମୁଖ ନିଜ ନିଜ ପକ୍ଷ ରଖିଥିଲେ । ପ୍ରବାସୀ ଓଡ଼ିଆମାନଙ୍କ ସହାୟତା ପାଇଁ ସଠିକ୍ ପଦକ୍ଷେପ ଗ୍ରହଣର ଆବଶ୍ୟକତା ଉଲ୍ଲେଖ କରାଯାଇଥିଲା । ବେଙ୍ଗାଲୁରୁର ବିଭିନ୍ନ ସଂସ୍ଥା ସହିତ ବେଙ୍ଗାଲୁରୁ ଓଡ଼ିଆ ସାହିତ୍ୟ ସମାଜ ମଧ୍ୟ ପ୍ରବାସୀ ଓଡ଼ିଆମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ପ୍ରଥମେ ପ୍ରବାସୀ ଓଡ଼ିଆଙ୍କର ସ୍ୱାସ୍ଥ୍ୟ ସୁବିଧା, ଶିକ୍ଷା ଓ ଚିକିତ୍ସା ସମ୍ପର୍କିତ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଛି । ଦୂରରେ ଥାଇ, ନିଜର ମାଟିର ସହାୟତା କେବେ ସହଜରେ ପାଇ ପାରୁନଥିବାରୁ, ଏହି ପ୍ରୟାସଗୁଡ଼ିକ ଆଗାମୀ ଦିନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସମସ୍ତେ ମନେ କରିଥିଲେ । ବାଚସ୍ପତି ଧୈର୍ଯ୍ୟର ସହ ଏହି ସମସ୍ୟାଗୁଡ଼ିକୁ ଶୁଣି, ପ୍ରବାସୀ ଓଡ଼ିଆଙ୍କ ସୁବିଧା ପାଇଁ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ତାଙ୍କର ଉପସ୍ଥିତି ଓ ସକାରାତ୍ମକ ମନୋଭାବ ପ୍ରବାସୀ ଓଡ଼ିଆ ସମୁଦାୟକୁ ଅନେକ ଆତ୍ମବିଶ୍ୱାସ ଓ ପ୍ରେରଣା ଦେଇଛି । ଏହି ସାକ୍ଷାତକାର କେବଳ ଆଲୋଚନା ଭିତରେ ସିମୀତ ନଥିଲା, ଏହା ଥିଲା ପ୍ରବାସୀ ଓଡ଼ିଆମାନଙ୍କର ଅନ୍ତଃସ୍ୱର, ଯାହା ଆମର ମାଟି ସହିତ ଯୋଡ଼ି ହୋଇ ରହିବାର ଏକ ସୁନ୍ଦର ପ୍ରୟାସ । ଏହି ସାକ୍ଷାତକାର ପ୍ରବାସୀ ଓଡ଼ିଆମାନଙ୍କର ସ୍ୱରକୁ ଶକ୍ତିଶାଳୀ କରି, ଓଡ଼ିଶା ସହିତ ସେମାନଙ୍କର ଗାଢ଼ ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଇଛି ଏବଂ ଏହି ଦିନଟି ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ସ୍ମରଣୀୟ ଦିବସ ହୋଇ ରହିବ ବୋଲି ଯୋଗଦେଇଥିବା ସମସ୍ତ ଅନୁଷ୍ଠାନ ଜଣାଇଛନ୍ତି ।

# ଲାଠୋରରେ ବିଭିନ୍ନ ଦାବି ନେଇ ତେଜୁଛି ଆନ୍ଦୋଳନ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଲାଠୋରକୁ ଏନ୍‌ଏସି, ଲାଠୋର ପିଏଚ୍‌ସିକୁ ସିଏଚ୍‌ସି ଏବଂ ଗୋଟେ ରେଲୱେ ଓଭର ବ୍ରିଜ୍ ଦାବିରେ ସକାଳ ୬ରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ସକାଳୁ ସକାଳୁ ଆନ୍ଦୋଳନକାରୀମାନେ ପିକେଟିଙ୍ଗ କରି ଦୋକାନ ବଜାର ସହ ସରକାରୀ ବେସରକାରୀ କାର୍ଯ୍ୟାଳୟ ସବୁବନ୍ଦ କରିଥିଲେ । ଏଲ୍‌ଡିଏ ସଂଗଠନ ତରଫରୁ ଏହି ବନ୍ଦ ଡାକରା କରାଯାଇଥିଲା କିନ୍ତୁ ବର୍ତ୍ତମାନର ସରକାର ଏ ଦିଗରେ କୌଣସି ଉତ୍ସାହ ଦେଖାଉନାହାନ୍ତି ବୋଲି ବିଜେଡି ପୂର୍ବତନ ବିଧାୟକ ସରୋଜ କୁମାର ମେହେର ପ୍ରେସ୍‌ମିଟ୍ ମାଧ୍ୟମରେ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ଏନ୍‌ଏସି ଘୋଷଣା କରିଛନ୍ତି । କିଛି ଦିନ ପୂର୍ବରୁ ବଲାଙ୍ଗୀର ଜିଲ୍ଲାରେ ଲୁଇସିଙ୍ଗାକୁ ନୂତନ ଏନ୍‌ଏସି ଘୋଷଣା କରିଥିଲେ ମଧ୍ୟ ବଲାଙ୍ଗିର ଜିଲ୍ଲା ଲାଠୋର ପ୍ରତି ଏତେ ବୈମାତୃକ ମନୋଭାବ କଣ ପାଇଁ



ଦିଆଯାଇଥିବା ବେଳେ ଏହାକୁ ଖପ୍ରାଖୋଲ ବ୍ଲକ ଆଦିବାସୀ ସଂଘ, ଖପ୍ରାଖୋଲ ବିଜୁ ଜନତା ଦଳ, ବିଭିନ୍ନ ସଂଗଠନ ଏବଂ ସମସ୍ତ ବର୍ଗର ଲୋକମାନେ ଏହି ବନ୍ଦ ଡାକରାରେ ସାମିଲ୍ ହୋଇଥିଲେ । ବିଜେଡି ସରକାର ଥିବା ସମୟରେ ୨୦୨୩ ବର୍ଷରେ ଲାଠୋରକୁ ଏନ୍‌ଏସି କରିବା ପାଇଁ ଚିଠି ନଂ ୫୫୩/୨୩ରେ ସମସ୍ତ କାଗଜପତ୍ର ଠିକ୍ ବୋଲି ପ୍ରଶ୍ନ କରିଛନ୍ତି ଏଲ୍‌ଡିଏ ପ୍ରତିଷ୍ଠାତା ଲବ ସୁନା । ଏନେଇ ଗୋଟିଏ ତିନି ଦଫା ଦାବିପତ୍ର ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଏବଂ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟଙ୍କୁ ଦିଆଯାଇଛି । ବନ୍ଦ ଡାକରା ଯୋଗୁ ସ୍କୁଲ, କଲେଜ ଓ ଦୋକାନ ବଜାର ପ୍ରଭାବିତ ହୋଇଥିବା ବେଳେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**






**ମେଷ:** ବ୍ୟବସାୟରୁ ଆଶାନୁରୂପକ ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ । ମନ ଆନନ୍ଦ ରହିବ ।



**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ନୂତନ ବନ୍ଧୁ ଦର୍ଶନର ସୁଯୋଗ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**ମିଥୁନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ଧନ ଲାଭ ହେବ । ଗୃହେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ପରୋପକାରୀ ହେବେ ।



**କର୍କଟ:** ଆୟ ଠାରୁ ବ୍ୟୟର ପରିମାଣ ବୃଦ୍ଧି ପାଇବ । କର୍ମକ୍ଷେତ୍ରରେ ସଫଳତା ସହ ଶୁଭ ଖବର ପ୍ରାପ୍ତ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବାର ସୂଚନା ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା । ଦେହ ଓ ମନ ଭଲ ରହିବ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଶରୀର ସୁସ୍ଥ ରହିବ । ଅନେକ ଦିନର ଆଶା ପୂରଣ ହେବ । ଗୃହେ ସୁଖ ଶାନ୍ତି ଲାଭ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ମହିଳାମାନେ ସୁଖୀ ହେବେ ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଶତ୍ରୁ ନାଶ ହେବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଆୟର ପରିମାଣ ବଢ଼ିବ । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବାର ସୂଚନା ।



**ବିଛା:** ଦୂରକୁ ଯାତ୍ରା କରି କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।



**ଧନୁ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ହଠାତ୍ ଶୁଭ ଖବର ପାଇପାରନ୍ତି । ଧର୍ମ କାର୍ଯ୍ୟ କରିପାରନ୍ତି ।



**ମକର:** ଚାକିରିକ୍ଷେତ୍ରରେ ଭୁଲ୍ ବୁଝାମଣା ହୋଇପାରେ । ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନୀୟ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ଖର୍ଚ୍ଚ ବଢ଼ିବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।



**କୁମ୍ଭ:** କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । କଚେରି ମାମଲାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ଭ୍ରମଣ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୭।୯।୨୦୨୫, ଆଶ୍ୱିନ ଦି୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୪।୩୦** **ଚନ୍ଦ୍ରୋଦୟ- ରାଘ ୨।୧୪।୦୬**

**ଏକାଦଶୀ-** ରାଘ ୧୧।୪୦ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ପ୍ରାଘ ୬।୨୬ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୧୧।୪୦ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୮।୦୩ ମଧ୍ୟେ । ଦିଘ ୧।୪୨ ଗତେ ଘ ୪।୦୭ ମଧ୍ୟେ । **ପର୍ବୋତ୍ସବ-** କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ଇନ୍ଦିରା ଏକାଦଶୀ (ରାମାନୁଜ ଭିନ୍ନ)

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୮।୯।୨୦୨୫, ଆଶ୍ୱିନ ଦି୨ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୪।୪୨** **ଚନ୍ଦ୍ରୋଦୟ- ରାଘ ୩।୧୧।୧୧**

**ଦ୍ୱାଦଶୀ-** ରାଘ ୧୧।୨୫ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ପ୍ରାଘ ୬।୩୩ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧୧।୨୫ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୭।୧୫ ମଧ୍ୟେ । ସଂଘ ୬।୩୧ ଗତେ ରାଘ ୯।୪୧ ମଧ୍ୟେ । **ପର୍ବୋତ୍ସବ-** ରାମାନୁଜ ବୈଷ୍ଣବ ଏକାଦଶୀ ।

ପୁଣି ନମ୍ବର ୱାନ ହେଲେ ସ୍ମୃତି ମନ୍ଧାନା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୩୦ ● ୧୭ ସେପ୍ଟେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-230 ● 17th September 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଦିନକ ପରେ ବିଧାନସଭା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ

ଭୁବନେଶ୍ୱର, ୧୬।୯

ନ୍ୟୁଜ୍ ବ୍ୟୁରୋ

ଦିନକ ପରେ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ସରକାରଙ୍କୁ ଘେରିବା ପାଇଁ ବିରୋଧି ଦଳ ଉଭୟ ବିଜେଡି ଏବଂ କଂଗ୍ରେସ ସଜବାଜ ଆରମ୍ଭ କରିଛି । ୧୮ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ମାତ୍ର ୭ଟି କାର୍ଯ୍ୟ ଦିବସ ବିଶିଷ୍ଟ ମୌସୁମୀ ଅଧିବେଶନ ବିଭିନ୍ନ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଅଧିବେଶନ ପାଇଁ ବିଧାନସଭା ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସୁରୁଖୁରୁରେ ଗୃହ ପରିଚାଳନା ପାଇଁ ବାଚସ୍ପତି ସୁରମା ପାଢୀ ମଙ୍ଗଳବାର ସର୍ବଦଳୀୟ ବୈଠକ ଡାକିଥିଲେ ଏବଂ ଏଥିରେ ଯୋଗ ଦେଇଥିବା ସବୁ ଦଳର ବିଧାୟକମାନଙ୍କ ସହ ଆଲୋଚନା କରି ସେମାନଙ୍କର ସହଯୋଗ ଲୋଡିଥିଲେ । ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ଦଳ ମୁଖ୍ୟ ସଚେତକ ରାମଚନ୍ଦ୍ର କାଡାମ, ବିଜେପି ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । (ପୃଷ୍ଠା ୭ରେ)

### ସର୍ବଦଳୀୟ ବୈଠକ : ଗୃହର ସୁପରିଚାଳନା ପାଇଁ ସହଯୋଗ ଲୋଡ଼ିଲେ ବାଚସ୍ପତି



## ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନରେ ଆଜି
# ୭୫ ଲକ୍ଷ ଗଛ ଲଗାଇବ ଜଙ୍ଗଲ ବିଭାଗ




ଭୁବନେଶ୍ୱର, ୧୬।୯

ନ୍ୟୁଜ୍ ବ୍ୟୁରୋ

ବୁଧବାର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଏବଂ 'ଏକ ପେଡ୍ ମା କେ ନାମ' ଦ୍ୱିତୀୟ ସଂସ୍କରଣ ଅଭିଯାନ ଅନ୍ତର୍ଗତ ସାରା ଦେଶରେ ୧.୫ କୋଟି ଚାରା ରୋପଣ କରାଯିବାକୁ ଥିବା ବେଳେ ଓଡିଶା ସରକାର ରାଜ୍ୟର କୋଣ ଅନୁକୋଣରେ ଏକକାଳୀନ ରେକର୍ଡ ୭୫ ଲକ୍ଷ ଚାରା ରୋପଣ କରି ଓଡିଶାକୁ ସବୁଜ-ସୁନ୍ଦର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ରାଜ୍ୟବ୍ୟାପୀ ଚାରା ରୋପଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।

ପୃଥିବୀର ଅସ୍ତିତ୍ୱ, ପ୍ରାଣୀଜୀବନର ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ତାପମାତ୍ରା ବୃଦ୍ଧିକୁ ରୋକିବା (ପୃଷ୍ଠା ୭ରେ)

## ଡେରାସ୍ ଫାର୍ମରେ ହେବ ୧୫୦୦ ବୃକ୍ଷରୋପଣ

ଭୁବନେଶ୍ୱର, ୧୬।୯

ନ୍ୟୁଜ୍ ବ୍ୟୁରୋ

ଏକ୍ ପେଡ୍ ମାଁ କେ ନାମ୍' ୨.୦ ର ଅଂଶସ୍ୱରୂପ ବୁଧବାର ସକାଳ ୯:୩୦ ରେ ଡେରାସ୍ ଉଦ୍ୟାନ କୃଷି ଫାର୍ମରେ ୧୫୦୦ ବୃକ୍ଷରୋପଣ କରାଯିବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମୋଟ ୨୩ ଲକ୍ଷ ବୃକ୍ଷ ରୋପଣ ରାଜ୍ୟବ୍ୟାପୀ କରାଯିବ । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ଓ ଅନ୍ୟ କୃଷି ଅଧିକାରୀମାନେ ସାମିଲ ହେବେ ।

## ଆଜିର ମୁଖ୍ୟ ଖବର

- ଗାଜାରେ ଇସ୍ରାଏଲର ଭୂମି ସେନା ଆକ୍ରମଣ ତୀବ୍ର : ଗାଜା ଜଳୁଛି ।
- ଯୁକ୍ତରାଷ୍ଟ୍ରର ଚାପରେ ସିରିଆ–ଇସ୍ରାଏଲ ସୁରକ୍ଷା ଆଲୋଚନା ।
- ହଲିଉଡ୍ ଅଭିନେତା ରୋବର୍ଟ ରେଡଫର୍ଡଙ୍କ ୮୯ ବର୍ଷରେ ଦେହାନ୍ତ ।
- କତାରରେ ଇସ୍ରାଏଲୀ ଆକ୍ରମଣକୁ ନେଇ ଆରବ ଦେଶମାନଙ୍କ ନିନ୍ଦା ।
- ଜାପାନର ଅର୍ଥନୀତି ଦୁର୍ବଳ, ରପ୍ତାନୀ ଗୁରୁତର ହ୍ରାସ ।
- ଡେରାଡୁନରେ ଭୂ-ସ୍ଖଳନ ସତର୍କ, ସ୍କୁଲ୍-ଆଙ୍ଗନବାଡ଼ି ବନ୍ଦ ।
- ଡେରାଡୁନ–ହରିଦ୍ୱାର ରାସ୍ତାରେ ବନ୍ୟା, ପୋଲ ଭୁଶୁଡିଲା ।
- ଦିଲ୍ଲୀ ସରକାର ଯମୁନା ବାଡ଼ିକୂଳକୁ ଅବୈଧ ଦଖଲରୁ ମୁକ୍ତ କରିବା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରିବ ।
- ମହାରାଷ୍ଟ୍ରର ସ୍ଥାନୀୟ ସରକାର ନିର୍ବାଚନ ୨୦୨୬ ଜାନୁଆରୀ ପୂର୍ବରୁ ସମାପ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ।
- ମହିଳାଙ୍କ ପାଇଁ ସୁଭଦ୍ରା ଅଭିଯୋଗ ନିବାରଣ ପୋର୍ଟାଲ୍ ଆରମ୍ଭ
- କୋରାପୁଟରେ ଏକାକୀ ଓ ଅନାଥ ଶିଶୁଙ୍କ ପାଇଁ ଯଶୋଦା ଯୋଜନା ।
- ଅଙ୍ଗୀକାର ୨୦୨୫ ଅଭିଯାନରେ ଜିଲ୍ଲାପାଳଙ୍କୁ ବିଶେଷ କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ।

# ନୂଆପଡାରେ ୫୬ଟି ନୂଆ ମତଦାନ କେନ୍ଦ୍ର

ନୂଆପଡା, ୧୬।୯

ନ୍ୟୁଜ୍ ବ୍ୟୁରୋ

ନୂଆପଡା ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତବର୍ଷ ନିର୍ବାଚନରେ ୨ ଲକ୍ଷ ୪୮ ହଜାର ୨୫୬ ଜଣ ମତଦାତା ଭୋଟ୍ ଦେବେ । ଭାରତ ନିର୍ବାଚନ ଆୟୋଗ ୧.୭.୨୦୨୫ କୁ ଯୋଗ୍ୟତା ତାରିଖ ଭାବରେ ରଖି ଓଡ଼ିଶାର ୭୧-ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଉପ-ନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ ର ଧାରା ୨୧ ଅନୁଯାୟୀ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେପ୍ଟେମ୍ବର ୧୪ ସୁଦ୍ଧା ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ / ପରିବର୍ତ୍ତନ ହେବ । ୧୫ ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି ସେପ୍ଟେମ୍ବର ୧୫ରୁ ସେପଟ୍ମେର ୨୯ ପର୍ଯ୍ୟନ୍ତ ରହିଛି । ଅକ୍ଟୋବର ୭ ତାରିଖ ସୁଦ୍ଧା ଦାବି ଏବଂ ଆପତ୍ତିର ସମାଧାନ କରାଯିବ । ଅକ୍ଟୋବର ୯ ତାରିଖରେ ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ ହେବ ।




ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ୭୧-ନୂଆପଡା ନିର୍ବାଚନ ମଣ୍ଡଳୀରେ ମୋଟ ୫୬ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି । ସେହିପରି, ୭୧-ନୂଆପଡା ନିର୍ବାଚନ ମଣ୍ଡଳୀରେ ମୋଟ ମତଦାନ କେନ୍ଦ୍ର ୩୦୨ ରୁ ୩୫୮କୁ ବୃଦ୍ଧି କରାଯାଇଛି । ଏହା ବ୍ୟତୀତ, ଏହି ପୁନଃବ୍ୟବସ୍ଥିକରଣ ପ୍ରକ୍ରିୟା ସମୟରେ ୭୧-ନୂଆପଡା ନିର୍ବାଚନ ମଣ୍ଡଳୀରେ ୫୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଛି । ପୁନଃବ୍ୟବସ୍ଥାପନ ପରେ ମୋଟ ମତଦାନ କେନ୍ଦ୍ର ୩୫୮ ରହିଥିବାବେଳେ ସହରାଞ୍ଚଳରେ ୩୬ ଥିବାବେଳେ ଗ୍ରାମାଞ୍ଚଳରେ ୩୨୨ ରହିଛି ।

ନୂଆପଡ଼ା ବିଧାନସଭା ମଣ୍ଡଳୀର ଆସନ୍ନ ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କିତ (ପୃଷ୍ଠା ୭ରେ)

# କଟକରେ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନେଇ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୬।୯

ନ୍ୟୁଜ୍ ବ୍ୟୁରୋ

କଟକରେ ପ୍ରସ୍ତାବିତ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ମଙ୍ଗଳବାର ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକରେ କଟକ ଓଏମ୍‌ପି ଛକର ବିକାଶ ପାଇଁ ସେଠାରେ ଭେଣ୍ଡିଂ ଜୋନ, ଆଇଟି ପାର୍କ ଓ କନଭେନ୍‌ସନ ସେଣ୍ଟର ନିର୍ମାଣ ନେଇ କାର୍ଯ୍ୟାନୁଷ୍ଠାନ, ରାଣୀହାଟ ଛକର ବିକାଶ ପାଇଁ ଚିହ୍ନିତ ସ୍ଥାନରେ ଦୋକାନ ଗୃହ, ସରକାରୀ ବାସଗୃହ ଓ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଡିଜାଇନ୍ ଚୁଡ଼ାନ୍ତ କରାଯିବା, ସରକାରୀ ପ୍ରେସ୍, ଖପୁରିଆ ଠାରେ ଉପଲବ୍ଧ ଜମିର ଉନ୍ନତିକରଣ ପାଇଁ ଆବଶ୍ୟକ ରାସ୍ତାନିର୍ମାଣ ଏବଂ ସେଠାରେ ଡଃ ହରେକୃଷ୍ଣ ମହତାବ ପ୍ରତିମୂର୍ତ୍ତି ନିକଟରେ ବଗିଚା ନିର୍ମାଣ ଓ ଭେଣ୍ଡିଂ ଜୋନ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ସତ୍ୟଭାମାପୁରର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନିଆଯିବା ପାଇଁ ଆଲୋଚନା କରାଯାଇଥିଲା । ଆହୁରି ମଧ ତ୍ରିଶୁଳିଆ ଛକରୁ ବାରଙ୍ଗ ଦେଇ ନନ୍ଦନକାନନ ପର୍ଯ୍ୟନ୍ତ ଅବଶିଷ୍ଟ ରାସ୍ତାକୁ ଓସାରିଆ କରାଯାଇ ଉନ୍ନତିକରଣ ପାଇଁ ପ୍ରସ୍ତାବ କାର୍ଯ୍ୟକାରୀ ସଂପର୍କରେ ଆଲୋଚନା କରାଯାଇଥିଲା ।




ସେହିପରି ମହାନଦୀରେ ଏକ ବ୍ୟାରେଜ ନିର୍ମାଣ କରାଯିବା ନେଇ ରହିଥିବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବନ୍ୟା ନିୟନ୍ତ୍ରଣ, ଶିଳ୍ପ ପାଇଁ ଜଳର ଆବଶ୍ୟକତା, ପାନୀୟ ଜଳ ଏବଂ ଜଳସେଚନ ପାଇଁ ଜଳର ଉପଲବ୍ଧତାକୁ ଦୃଷ୍ଟି ଦେଇ ଏଥିପାଇଁ ସବୁଦୃଷ୍ଟିରୁ ସୁବିଧାଜନକ ହେବାକୁ ନଜର ରଖି ତଦନୁସାରେ ଯୋଜନା ପ୍ରସ୍ତୁତି, ବଡ଼ମ୍ବାରେ ଚିନି କଳ ପୁନରୁଦ୍ଧାର କାର୍ଯ୍ୟକାରୀ ସଂପର୍କରେ କାର୍ଯ୍ୟ ଅଗ୍ରଗତି, ନୂଆପାଟଣାଠାରେ ହସ୍ତତନ୍ତ ପ୍ରକଳ୍ପର ଅଗ୍ରଗତି, (ପୃଷ୍ଠା ୭ରେ)

## ପୁରୀ ଗଣବଳାତ୍କାର ଘଟଣା ନେଇ ବିରୋଧୀ ଦଳ ନେତାଙ୍କ କ୍ଷୋଭ



ଭୁବନେଶ୍ୱର, ୧୬।୯

ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲାର ମା' ବାଳିହରଚଣ୍ଡୀ ମନ୍ଦିର ନିକଟରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ଓ କ୍ଷୋଭ ବ୍ୟକ୍ତ କରିଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ଯେ, ରାଜଧାନୀଠାରୁ ୫୦ କିଲୋମିଟର ଦୂରରେ ଏଭଳି ଅପରାଧ ଓଡ଼ିଶାର ବିଜେପି ସରକାରଙ୍କ ବିଫଳତାକୁ ଦର୍ଶାଉଛି । ନବୀନ କହିଛନ୍ତି, ବିଜେପି ନେତାମାନେ (ପୃଷ୍ଠା ୭ରେ)

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ଅପରାଜିତା

ଭୁବନେଶ୍ୱର, ୧୬।୯

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି ।

ଏହି ଅବସରରେ ସେ, ଟାଙ୍ଗି ଅଞ୍ଚଳକୁ ଏନଏସି ମାନ୍ୟତା ଘୋଷଣା କରିବା, ଭୁବନେଶ୍ୱର ଠାରେ ନ୍ୟାସନାଲ ଗ୍ୟାଲେରି ଅଫ୍ ମଡର୍ଣ୍ଣ ଆର୍ଟର ନିର୍ମାଣ ଆରମ୍ଭ ହେବା ସୂଚନା ଓ ସହର ଉପକଣ୍ଠରେ ଆଧୁନିକ ମାଛ ବଜାର ନିର୍ମାଣ ପାଇଁ ନିଷ୍ପତ୍ତି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।



ବୈଠକରୁ ଜଣାଯାଇଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବ । ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ, ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା ଭୁବନେଶ୍ୱର ଏବଂ ଏହାର ସୀମାନ୍ତରେ ଥିବା ଅଞ୍ଚଳଗୁଡିକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ରରେ ପରିଣତ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିଠୁ ଆରମ୍ଭ ହେବ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୬।୯

ନ୍ୟୁଜ୍ ବ୍ୟୁରୋ

ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ 'ସୁସ୍ଥ ନାରୀ ସଶକ୍ତ ପରିବାର' କାର୍ଯ୍ୟକ୍ରମ ଆରମ୍ଭ ହେବ । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ବୁଧବାର ପୂର୍ବାହ୍ନରେ ଇଡକୋ ପ୍ରଦର୍ଶନୀ ପଡିଆ, ଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଉପସ୍ଥିତ ରହିବେ । ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଏହି କାର୍ଯ୍ୟକ୍ରମ ଜରିଆରେ ଡିଜିଟାଲ୍ ଡାଟାବେସ୍ ତିଆରି ହେବ । ୨୯ ହଜାର ସ୍କ୍ରିନିଙ୍ଗ ଓ ୩ ହଜାରରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ କ୍ୟାମ୍ପ୍ ହେବ । ସ୍କ୍ରିନିଙ୍ଗ ତଥ୍ୟକୁ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୯୩ (+୮୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୬୦ (+୮୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୩୯୫ (+୬୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୪ (+୧)

## ଏକାଳ ପଖାଳ



ଗାଡି ଚଳେଇବା ବେଳକୁରେ ଧନ
ସେଲ୍‌ଫି ରିଲ୍‌ସକୁ ମନା
ଧରାପଡିଲେ ଡଣ୍ଡ ଗଣିବ
ମନ ଖାଉଥିବ ଛେନା
ହେଇଟି ଧନ ଅନା...
ଫାଇନଟା ପରେ ଆଗ ଦୁର୍ଘଟଣା
ଖାଲି ଫଟୋ ହେବ ସିନା... ।

# କଳିଙ୍ଗା ଘାଟିରେ ବଡ଼ଧରଣର ଭୂସ୍ଖଳନ



ଘୁ.ଉଦୟଗିରି, ୧୬।୯

ନ୍ୟୁଜ୍ ବ୍ୟୁରୋ

ପୂରା ଦେଶରେ ପ୍ରକୃତି ତାଣ୍ଡବ ରଚିବାରେ ଲାଗିଛି । ଓଡ଼ିଶାରେ ମଧ ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ପରିସ୍ଥିତି ଦେଖାଯାଇଛି । କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟିରେ ମଙ୍ଗଳବାର ବଡ଼ଧରଣର ଭୂସ୍ଖଳନ ଦେଖିବାକୁ ମିଳିଛି । ଜାତୀୟ ରାଜପଥରେ ପ୍ରକୃତିର ଏହି ତାଣ୍ଡବ ଯୋଗୁଁ ଶହ ଶହ ଯାନବାହନ ଅଟକି ରହିଛି । ଭୂସ୍ଖଳନ ଯୋଗୁଁ ୩ଟି ରାଜ୍ୟ (ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ)କୁ ଯାନବାହନ ଚଳାଚଳ ଅଟକି ଯାଇଛି ।

ଲଗାଣ ବର୍ଷା ଯୋଗୁଁ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ କଳିଙ୍ଗା ଘାଟିର ଅନ୍ଧାରକୋଟ ନିକଟରେ ଭୂସ୍ଖଳନ ଘଟିଛି । ଏଠାରେ ଦୀର୍ଘ ମାସ ହେଲା ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଏକ ଠିକା ସଂସ୍ଥା ରାସ୍ତା ଚଉଡ଼ା କାର୍ଯ୍ୟ ଜାରି ରଖିଥିଲା । ଏହି ସ୍ଥାନରେ ପ୍ରାୟ ୨୦ରୁ ୩୦ମିଟର ପର୍ଯ୍ୟନ୍ତ ରାସ୍ତାରେ ଭୂସ୍ଖଳନ ହେବା ଦୃଶ୍ୟ ଦେଖିବାକୁ ମିଳିଛି । ପାହାଡ଼ରୁ ବିରାଟ ପଥର ଓ ମାଟି ଅତଡା ଖସି ରାସ୍ତା ଅବରୋଧ ହୋଇଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ବସ୍, ଟ୍ରକ୍ ଓ କାର ଅଟକି ରହିଛି । ଯାତ୍ରୀମାନେ ଆତଙ୍କିତ (ପୃଷ୍ଠା ୭ରେ)

## ୨୪ ଓ ୨୫ରେ କ୍ଷେପଣାସ୍ତ୍ର ପରୀକ୍ଷଣ କରିବ ଭାରତ

ନୂଆଦିଲ୍ଲୀ, ୧୬।୯

ଭାରତ ଆସନ୍ତା ୨୪ ଏବଂ ୨୫ ତାରିଖରେ ବଙ୍ଗୋପସାଗରରେ କ୍ଷେପଣାସ୍ତ୍ର ପରୀକ୍ଷଣ କରିବାକୁ ଯାଉଛି । ଏହି ପରୀକ୍ଷଣ ଅବଦୁଲ କଲାମ ଦ୍ୱୀପରୁ କରାଯିବ । ଏଥିପାଇଁ ଏୟାରମ୍ୟାନଙ୍କୁ ନୋଟିସ (ନୋଟାମ)ଅର୍ଥାତ୍ ବିଜ୍ଞପ୍ତି ଜାରି କରାଯାଇଛି । ଏହି ବିଜ୍ଞପ୍ତି ଭାରତର କ୍ଷେପଣାସ୍ତ୍ର କ୍ଷମତା ବିକାଶ ଏବଂ ପରୀକ୍ଷଣ ପାଇଁ ନିରନ୍ତର ପ୍ରୟାସକୁ ସୂଚିତ କରୁଛି ।

ବିଜ୍ଞପ୍ତିରେ କୁହାଯାଇଛି ଯେ, ବଙ୍ଗୋପସାଗର ଏବଂ ଭାରତ ମହାସାଗରର ଏକ ବଡ଼ ଅଞ୍ଚଳ (ପୃଷ୍ଠା ୭ରେ)



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଶିକ୍ଷାରେ ବାଧକ ସାଜୁଛି ଜଳବାୟୁ

ଜଳବାୟୁ ପରିବର୍ତ୍ତନର ସିଧାସଳଖ କୁପ୍ରଭାବ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଅଭିବୃଦ୍ଧି ଉପରେ ପଡୁଛି। ତାପମାତ୍ରା ବୃଦ୍ଧି, ଜଙ୍ଗଲ ନିଆଁ, ବାତ୍ୟା, ବନ୍ୟା, ମରୁଡ଼ି ଓ ସମୁଦ୍ର ପତ୍ତନ ବୃଦ୍ଧି ଭଳି ଜଳବାୟୁ ସମ୍ବନ୍ଧୀୟ ଚାପ ସାମ୍ପ୍ରତିକ ଦଶନ୍ଧିର ଶିକ୍ଷାଗତ ଫଳାଫଳକୁ ଘୋର ପ୍ରଭାବିତ କରିବ ବୋଲି ଜଣାପଡ଼ିଛି। ଏହି ବିପଦକୁ ଏକ ନୂତନ ବୈଶ୍ୱିକ ରିପୋର୍ଟରେ ଦର୍ଶାଯାଇଛି। ୟୁନିସେଫ୍‌ର ଆକଳନ ଅନୁଯାୟୀ, କେବଳ ୨୦୨୪ରେ ଜଳବାୟୁ ବିପଦ ଯୋଗୁଁ ଅନ୍ୟୂନ ୨୪୨ ନିୟୁତ ପିଲାଙ୍କ ସ୍କୁଲ୍ ଶିକ୍ଷା ବାଧାପ୍ରାପ୍ତ ହୋଇଥିଲା, ଯେଉଁଥିରେ ଗ୍ରୀଷ୍ମ ପ୍ରବାହ ଥିଲା ସବୁଠାରୁ ବଡ଼ କାରଣ। ଚଳିତ ବର୍ଷ କାଶ୍ମୀରରେ ମଧ୍ୟ ଏହା ଦେଖିବାକୁ ମିଳିଛି। ଏହି ବିପଦ କେବଳ ଶିକ୍ଷା ପ୍ରାପ୍ତିରେ ବାଧା ସୃଷ୍ଟି କରେ ନାହିଁ ବରଂ ଅସମାନତାକୁ ବୃଦ୍ଧି କରେ ଏବଂ ଶିଶୁମାନଙ୍କୁ ଶ୍ରମିକ ହେବାକୁ କିମ୍ବା ଭିକ୍ଷା ବୃତ୍ତି ଆପଣାଇବାକୁ ବାଧ୍ୟ କରେ।

ଅତ୍ୟଧିକ ଦୀର୍ଘ ସମୟ ଧରି ଗ୍ରୀଷ୍ମ ପ୍ରବାହ, ମରୁଡ଼ି, ବାତ୍ୟା, ବନ୍ୟା ଆଦି ଲାଗି ରହିବା କାରଣରୁ ଶିଶୁମାନେ ପାଣିପାଗ ସମ୍ବନ୍ଧୀୟ ସଙ୍କଟ ଜନିତ ବିପଦରେ ଅଧିକ ପ୍ରଭାବିତ ହୁଅନ୍ତି। ଶ୍ରେଣୀଗୃହରେ ସେମାନଙ୍କ ଉପସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବାରୁ ପାଠ ପଢ଼ିବାରେ ଧ୍ୟାନ ଦେଇପାରନ୍ତି ନାହିଁ। ଚରମ ପାଣିପାଗ ଜନିତ କାରଣରୁ ବାତ୍ୟା ଓ ବନ୍ୟା ରାସ୍ତାଘାଟ ଓ ବିଦ୍ୟାଳୟ ଭଳି ଭିତ୍ତିଭୂମିକୁ ଦୋହଲାଇ ଦିଏ। ଏହାଦ୍ୱାରା ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ବହୁବିଧ ସମସ୍ୟା ଉପୁଜେ। ଏହା ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ। ୨୦୨୪ ମସିହାରେ ପାଣିପାଗ ଜନିତ ଘଟଣା ଯୋଗୁଁ ପ୍ରତି ୭ ଜଣରେ ୨ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିଲେ ବୋଲି ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି। ଭାରତ ଭଳି ଦେଶରେ ଅଧିକାଂଶ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ପିଲା ପ୍ରତି ବର୍ଷ ଜଳବାୟୁ ପରିବର୍ତ୍ତନ କାରଣରୁ ନିରବଚ୍ଛିନ୍ନ ଶିକ୍ଷା ଗ୍ରହଣ କରିବାର ଲାଭ ପାଇପାରୁନାହାନ୍ତି। ବିଦ୍ୟାଳୟ ବନ୍ଦ ସହିତ ଗମନାଗମନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେତୁ ଲକ୍ଷାଧିକ ପିଲାଙ୍କର ପାଠପଢ଼ାରେ ଅନିୟମିତତା ଏବଂ ଅଧାରୁ ପାଠ ଛାଡ଼ିବା ଆଶଙ୍କା ବୃଦ୍ଧି ପାଉଛି। ୨୦୧୯ରେ ଭୟଙ୍କର ପାଣିପାଗ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ୧୦ଟି ଦେଶ ମଧ୍ୟରୁ ୮ଟି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶ ଥିଲା।

# ଅନ୍ଧବିଶ୍ୱାସର ବିଷବଳୟ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଅନ୍ଧବିଶ୍ୱାସ ସମାଜ ସହିତ ଏପରି ଭାବରେ ଜଡ଼ି ଯାଇଛି ଯେ ତାହାକୁ ଅଲଗା କରିବା ଏତେ ସହଜ ନୁହେଁ। ଲୋକମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାର ପରେ ହିଁ ଏପରି ବିଶ୍ୱାସରେ କିଛିଟା ମଳିନତା ଦେଖାଦେଇଛି ସତ ମାତ୍ର ବହୁ ଶିକ୍ଷିତ ମଧ୍ୟ ଏହାର ବଳୟରେ ଆସିଥିବା ଦେଖାଯାଉଛି। ଏଥିରେ ଜଡ଼ିତ ଲୋକେ ଯେପରି ଘଟଣାମାନ ଘଟାଉଛନ୍ତି ତାହା ମଧ୍ୟ ପ୍ରତ୍ୟେକ ଦିନର ସମ୍ବାଦପତ୍ରମାନଙ୍କର ପୃଷ୍ଠା ମଣ୍ଡନ କରିଚାଲିଛି। ତଥାପି ସେପରି ବିଶ୍ୱାସ ଲୋକମାନଙ୍କ ମଧ୍ୟରୁ ଯାଉନାହିଁ କି ଯିବାକୁ କେହି ଉଦ୍ୟମ ବି କରୁନାହାନ୍ତି। ସେହିପରି ଏକ ଘଟଣାର ଲୋମହର୍ଷଣକାରୀ କଥା ଏଠାରେ କେବଳ ଉତ୍ଥାପନ କରୁଛି।

ରାଧା ଥିଲେ ପାତିଆଲା ଜିଲ୍ଲା ଅନ୍ତର୍ଗତ ପାଞ୍ଚଗାଓଁରେ ଥିବା ଏକ ସରକାରୀ ସଙ୍ଗୀତ ମହାବିଦ୍ୟାଳୟର ଜଣେ ଅଧାପିକା। ଦେଖିବାକୁ ସେ ଥିଲେ ଅତି ସୁନ୍ଦରୀ। ନିଜର ବୀଣା ଜିଣା କଣ୍ଠରେ ସେ ମୀରା ସଙ୍ଗୀତ ଗାନ କରୁଥିଲାବେଳେ ଶ୍ରୋତାମାନଙ୍କ ଆଖିରୁ ଗଡ଼ି ଆସୁଥିଲା ଅଶ୍ରୁର ଧାର। ତାଙ୍କର ସେହି କଣ୍ଠର ଯାଦୁରେ ଆକର୍ଷିତ ହୋଇ ପଡୁଥିଲେ ଶ୍ରୋତାଗଣ। ନିଜ ରାଜ୍ୟ ପଞ୍ଜାବ ବ୍ୟତୀତ ହରିୟାନା, ରାଜସ୍ଥାନ ପ୍ରଭୃତି ରାଜ୍ୟମାନଙ୍କରୁ ବି ସଙ୍ଗୀତ ଗାଇବାକୁ ତାଙ୍କୁ ଡାକରା ଆସୁଥିଲା। ଟିଭି ଓ ରେଡ଼ିଓରେ ସେ ଥିଲେ ଜଣେ 'ଏ' ଗ୍ରେଡ୍ କଳାକାର। ସ୍ୱାମୀ ଗୋବିନ୍ଦ ସିଂହଙ୍କ ସହିତ ରାଧା ଏକାକୀ ରହୁଥିଲେ। ବିବାହର ୮ବର୍ଷ ବିତି ଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନ ହୋଇନଥିଲା। ସେଥିପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ବହୁ ଡାକ୍ତରୀ ଚିକିତ୍ସା କରାଇଥିଲେ ମଧ୍ୟ ସେଥିରେ କୌଣସି ସୁଫଳ ମିଳିନଥିଲା। ସନ୍ତାନ ନଥିବା ହେତୁ ନିଜ ବନ୍ଧୁ, ବାନ୍ଧବ ତଥା ପଡ଼ୋଶୀମାନେ ଉଭୟଙ୍କୁ ତାତ୍ସଲ୍ୟ ଦୃଷ୍ଟିରେ ଦେଖୁଥିଲେ। ଏପରିକି ରାଧାଙ୍କୁ ବାଞ୍ଝ ବୋଲି ଡାକିବାକୁ କେତେଜଣ ପଡ଼ୋଶୀ ପଛାଉନଥିଲେ। ଆଧୁନିକ ଉଚ୍ଚଶିକ୍ଷା ପ୍ରାପ୍ତ ଜଣେ ନାରୀ ଏସବୁକୁ ଆଦୌ ବିଚାରକୁ ନେଉନଥିଲେ ମଧ୍ୟ ମନ ତାଙ୍କର ସର୍ବଦା କୁହୁଳି ଉଠୁଥିଲା। ତେବେ ନିଜ ଘର ଛାଡ଼ି ଅନ୍ୟତ୍ର ରହିବାକୁ ଶେଷରେ ସେମାନେ ସ୍ଥିର କରିନେଇଥିଲେ। ହେଲେ ରାଧାଙ୍କର ଇଚ୍ଛା ଥିଲା ଯେ ସେ କିଭଳି ସନ୍ତାନସମ୍ଭବା ହୋଇପାରିବ। ସେମାନଙ୍କ ରହୁଥିବା ସ୍ଥାନର ଅଳ୍ପ କେତେ ଦୂର ବର୍ଦ୍ଦୋଳି ରୋଡ଼ରେ ଥିଲା ଭଗବାନ ଶ୍ରୀକୃଷ୍ଣଙ୍କ ଭବ୍ୟ ମନ୍ଦିର ଓ ତାହାର ମୁଖ୍ୟ ପୂଝାରୀ ଥିଲେ ସ୍ୱାମୀ ଆନନ୍ଦ ସ୍ୱରୂପ। ପ୍ରତିଦିନ ପ୍ରତ୍ୟୁଷରୁ ଅର୍ଦ୍ଧରାତ୍ରୀ ପର୍ଯ୍ୟନ୍ତ ସେହି ମନ୍ଦିରରେ ଜନଗହଳି ଲାଗି ରହୁଥିଲା। ବହୁ ଦୂରସ୍ଥାନରୁ ଭଗବାନଙ୍କ ବିଗ୍ରହ ଦର୍ଶନ ନିମନ୍ତେ ସେଠାକୁ ଯାତ୍ରୀମାନେ ଆସୁଥିଲେ। ମହନ୍ତ ସ୍ୱାମୀ ଆନନ୍ଦ ସ୍ୱରୂପଙ୍କର ମଧ୍ୟ ପ୍ରସିଦ୍ଧି ସେହି ଅଞ୍ଚଳରେ ରହିଥିଲା। ସ୍ୱାମୀଜୀ ମୁହଁ ଖୋଲି କାହାକୁ କିଛି କହୁ ନଥିଲେ। ଯଦି କାହାକୁ କିଛି କହି ଦେଉଥିଲେ ତାହା ସେହି ଲୋକଟି ପକ୍ଷରେ ଏକପ୍ରକାର ଆଶୀର୍ବାଦ ବୋଲି ଧରି ନିଆଯାଉଥିଲା। ମହନ୍ତ ମହାଶୟ ମନ୍ଦିରକୁ ନଆସି ତାଙ୍କ କୋଠରିରେ ସର୍ବଦା ରହୁଥିଲେ। କେବଳ କେତେଜଣ ବିଶ୍ୱସ୍ତ ଅନୁଚର ତାଙ୍କ ପାଖକୁ ଯାଉଥିଲେ ଓ ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ଭାନୁ ଠାକୁର।

ସନ୍ତାନ ଆଶାରେ ରାଧା ପ୍ରତିଦିନ ପ୍ରତ୍ୟୁଷରୁ ଭଗବାନଙ୍କ ବିଗ୍ରହ ଦର୍ଶନ ନିମନ୍ତେ ମନ୍ଦିରକୁ ଯାଉଥିଲେ ଓ ସେଠାରେ ମନ୍ଦିରା ବଜାଇ ମୀରା ସଙ୍ଗୀତ ଓ ଶ୍ରୀଗୀତଗୋବିନ୍ଦକୁ ଏଭଳି ମଧୁର ସ୍ୱରରେ ଗାଉଥିଲେ ଯେ ଶ୍ରଦ୍ଧାଳୁ ଦର୍ଶନାର୍ଥୀଙ୍କର ଭିଡ଼ ତାଙ୍କ ପାଖରେ ବେଶ୍ ଜମି ଉଠୁଥିଲା। ଏହିଭଳି କିଛିଦିନ ଚାଲିଲା। ଭାନୁ ଠାକୁର ଥିଲେ ରାଧାଙ୍କର ସଂପର୍କୀୟ। ସେ ମଧ୍ୟ ରାଧାଙ୍କୁ ମନ୍ଦିର ମହନ୍ତଙ୍କ ମହିମା ସମ୍ପର୍କରେ ବହୁତ ଅଲୌକିକ କଥା କହିଥିଲେ। ଅନ୍ୟ ସବୁ ସେବକ ଓ କର୍ମଚାରୀମାନେ ତାଙ୍କୁ ଭାନୁ ଭାଇ ଡାକିବା ସହିତ ଯଥେଷ୍ଟ ସମ୍ମାନ ବି ଦେଉଥିଲେ। ମହନ୍ତ ଆନନ୍ଦ ସ୍ୱରୁପଙ୍କର ଅଲୌକିକ ପ୍ରତିଭାର ସେ ଥିଲେ ଜଣେ ମୁଗ୍ଧ ପ୍ରଚାରକ। ଭାନୁ ଠାକୁରଙ୍କ କଥାରେ ପ୍ରଭାବିତ ହୋଇ ରାଧା ସ୍ୱାମୀ ଆନନ୍ଦ ସ୍ୱରୂପଙ୍କ ଶରଣ ନେବା ପାଇଁ ଚାହିଁଥିଲେ। ଯଦି ସ୍ୱାମୀଜୀଙ୍କ ଆର୍ଶୀବାଦରେ ତାହାର ପୁତ୍ର ସନ୍ତାନଟିଏ ହୋଇପାରିବ ସେ କାହିଁକି ବା ତାଙ୍କ ଶରଣରେ ନଯିବ? କିଭଳି ସ୍ୱାମୀଜୀଙ୍କ ସହିତ ତାଙ୍କର ଭେଟ ହୋଇପାରିବ ସେଥିପାଇଁ ରାଧା ତାଙ୍କ ଆଡୁ ଓଲଟି ଭାନୁ ଠାକୁରଙ୍କୁ ବାରଂବାର ଅନୁରୋଧ କରିଥିଲେ। ଭାନୁ ଠାକୁର ବି ସ୍ୱାମୀଜୀଙ୍କ ସହିତ କଥା ହୋଇ ରାଧାଙ୍କର ଭେଟିବାର ଦିନ ଓ ସମୟ ଧାର୍ଯ୍ୟ କରିଦେଇଥିଲେ। ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ରାଧା ଭାନୁ ଠାକୁରଙ୍କ ସହିତ ସ୍ୱାମୀଜୀଙ୍କ କୋଠରିରେ ପହଞ୍ଚିଲେ। ସେଠାରେ ରାଧାଙ୍କୁ ପହଞ୍ଚାଇ ଦେବାପରେ ଭାନୁ ଠାକୁର ଫେରିଆସିଲେ। ସ୍ୱାମୀଜୀଙ୍କୁ ନିଜ ସାମ୍ନାରେ ପାଇ ରାଧା କହିଲେ- "ଗତ ଆଠବର୍ଷ ଧରି ତାହାର ବିବାହ ହୋଇଥିଲେ ମଧ୍ୟ କୌଣସି ସନ୍ତାନ ସେ ଜନ୍ମ ଦେଇପାରିନାହିଁ। ସ୍ୱାମୀ ଦ୍ୱିତୀୟ ବିବାହ କରିବା ନିମନ୍ତେ ସ୍ଥିର କରିଥିଲେ। ମାତ୍ର ଆପଣଙ୍କ ଅଲୌକିକ ପ୍ରଭାବ ଜାଣି ସନ୍ତାନ ନିମନ୍ତେ ଆପଣଙ୍କ ନିକଟକୁ ଭିକ୍ଷା ପାଇଁ ଆସିଛି।" ଏହା କହି ସେ ସ୍ୱାମୀଜୀଙ୍କ ଦୁଇଗୋଡ଼ ଧରି କାନ୍ଦି ଉଠିଲେ। ସ୍ୱାମୀ ଆନନ୍ଦ ସ୍ୱରୂପ ତାଙ୍କୁ ଧୈର୍ଯ୍ୟ ଧରିବାକୁ କହି ଅନ୍ୟ ଏକ ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ଆସିବାକୁ ଇଙ୍ଗିତ ଦେଇଥିଲେ। ଏଣେ ଭାନୁ ଠାକୁର ସହିତ ସ୍ୱାମୀଜୀ ଆଲୋଚନା କଲେ। ରାଧାକୁ କିପରି ନିଜ ଆୟତରେ ଆଣିହେବ ସେଥିପାଇଁ ଯୋଜନା ପ୍ରସ୍ତୁତ ବି କରାହେଲା। ଭାନୁ ଠାକୁର ରାଧାକୁ ଭେଟି କହିଲେ ଯେ ସ୍ୱାମୀଜୀ ତୋ କଥାରେ ସନ୍ତୁଷ୍ଟ ହୋଇଛନ୍ତି। ତେବେ ତୁମର ତାଙ୍କ ପ୍ରତି ସେବାର ଆବଶ୍ୟକତା ରହିଛି। "କିପରି ସେବା ତାଙ୍କର କରିପାରିବି" ବୋଲି ରାଧା ଓଲଟି ପ୍ରଶ୍ନ ଭାନୁ ଠାକୁରଙ୍କୁ କରିଥିଲା। ତେବେ ସ୍ୱାମୀଜୀ ଯେପରି ସେବା କରିବା ପାଇଁ ଆଦେଶ ଦେବେ ସେପରି କରିବାକୁ ଭାନୁ ଠାକୁର ରାଧାଙ୍କୁ କହିଥିଲା। ସନ୍ତାନ ପାଇବା ନିମନ୍ତେ ରାଧା ଥିଲେ ବ୍ୟାକୁଳ। ତେଣୁ କୌଣସି କଥାକୁ ଚିନ୍ତା ନକରି ସେ "ହଁ" କରିଦେଲେ। ରାଧାଙ୍କ ସମ୍ମତି ଜାଣି ଭାନୁ ଠାକୁର ବେଶ୍ ଖୁସି ହୋଇଥିଲା। ସ୍ୱାମୀଜୀଙ୍କ ସେବା କରିପାରିଲେ ଖୁବ୍ ସୁନ୍ଦର, ସୁସ୍ଥ, ବୁଦ୍ଧିମାନ ଓ ତେଜସ୍ୱୀ ପିଲା ଜନ୍ମ ହୋଇପାରିବ ବୋଲି ବି ସେ ଆଶ୍ୱାସନା ଦେଲା। ମାତ୍ର ପରେ ରାଧା କିଭଳି ସଙ୍କେତ ପାଇଲେ କେଜାଣି ଭାନୁ ଠାକୁରଙ୍କ କଥାରେ ସେ ଆଉ ମହନ୍ତଙ୍କ ପାଖକୁ ଯିବା ପାଇଁ ରାଜି ହେଲାନାହିଁ। ମାତ୍ର ଭାନୁ ଠାକୁର ନଛଡ଼ୋ ବନ୍ଧା। ସେ କହିଲା "ଯଦି ତୁମେ ସ୍ୱାମୀଜୀଙ୍କ ସେବା କରିବାକୁ ଅନିଚ୍ଛୁକ ତେବେ ଆଜି ପୌଷ ସଂକ୍ରାନ୍ତିର ଦିନରେ ଅନ୍ତତଃ ତାଙ୍କୁ ଦର୍ଶନ କରି ଫେରିଆସ। ପଛରେ ତୁମେ ଯାହା ଚିନ୍ତା କରିବ ତାହାହିଁ ହେବ।" ଭାନୁ ଠାକୁର କଥାରେ ରାଧା "ହଁ" ଭରି କୋଠରି ଭିତରେ ସ୍ୱାମୀଜୀଙ୍କ ଦର୍ଶନ ନିମନ୍ତେ ଗଲେ। ମାତ୍ର ଦର୍ଶନ ପାଇଁ ଯିବା ପରଠାରୁ ରାଧା ଆଉ ଫେରି ଆସିନାହାନ୍ତି। ତାଙ୍କ ମୃତ ଶରୀର ପାଖ କେନାଲରେ ପରଦିନ ଦେଖିବାକୁ ମିଳିଥିଲା। ସେଠାରୁ ପୋଲିସ୍ ଶବ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ଡାକ୍ତରଖାନାକୁ ପଠାଇଲା। ରିପୋର୍ଟରୁ ଜଣାଗଲା ଯେ ରାଧାଙ୍କ ସହ ବଳାତ୍କାର କରାଯିବା ପରେ ତାଙ୍କୁ ତଣ୍ଟିଚିପି ମାରିଦିଆଯାଇଛି। ସନ୍ଦେହ ଘେରରେ ଭାନୁ ଠାକୁର ଓ ସ୍ୱାମୀ ଆନନ୍ଦ ସ୍ୱରୂପ ଆସିଲେ। ପୋଲିସ ଉଭୟଙ୍କୁ ଧରି ନେଇ ଅନୁସନ୍ଧାନ କଲା ପରେ ଘଟଣାର ସତ୍ୟତା ମିଳିଥିଲା। ଏହି ଘଟଣାକୁ ନେଇ ରାଧା ପଢ଼ାଉଥିବା ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଧର୍ମଘଟ କରିଥିଲେ। ପୁଣି ଏହା ଏପରି ବନାଗ୍ନି ଭଳି ରାଜ୍ୟରେ ବ୍ୟାପିଗଲା ଯେ ପଞ୍ଜାବ ଓ ହରିଆନାର ମଠ ମନ୍ଦିରମାନଙ୍କରେ ରହୁଥିବା ସାଧୁମାନଙ୍କ ଉପରେ ଜନତାଙ୍କ ପକ୍ଷରୁ ଆକ୍ରମଣ ଆରମ୍ଭ ହେଲା। ହେଲେ ପୋଲିସ୍‌ର ହସ୍ତକ୍ଷେପ ଫଳରେ ଜନତାଙ୍କର ସେପରି କ୍ରୋଧକୁ ପ୍ରଶମିତ କରାଯାଇପାରିଥିଲା।

ତେବେ ଘଟଣାଟି ସଂପର୍କରେ ଆଲୋଚନା କଲେ ଦେଖାଯାଏ ଯେ ବହୁ ସମାଜ ବିରୋଧୀ ଲୋକ ଲୁକାୟିତରେ ସାଧୁ, ସନ୍ଥ ରୂପ ନେଇ ମଠ, ମନ୍ଦିର ପ୍ରଭୃତି ଧାର୍ମିକ ଅନୁଷ୍ଠାନମାନଙ୍କରେ ଆଡ୍ଡା ଜମାଉଛନ୍ତି। ସେହିଭଳି ଅନ୍ୟ ଖଳ ପ୍ରକୃତିର ଲୋକମାନେ ମଧ୍ୟ ତାଙ୍କ ସହ ମିଶିଯାଇ ଏହିଭଳି କାଣ୍ଡମାନ ଘଟାଇ ଚାଲିଛନ୍ତି। ସମ୍ବାଦପତ୍ରମାନଙ୍କରେ ଏପରି ଘଟଣାମାନ ପ୍ରତ୍ୟହ ପୃଷ୍ଠାମଣ୍ଡନ କରୁଛି। ତଥାପି ଜନସାଧାରଣଙ୍କ ମଧ୍ୟରେ ଯେଉଁ ଅନ୍ଧବିଶ୍ୱାସ ସାଧୁମାନଙ୍କ ପ୍ରତି ରହିଯାଇଛି ସେଥିରୁ ହିଁ ଦୁଷ୍ଟ ଲୋକମାନେ ସୁବିଧା ଉଠାଇ ଚାଲିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହିପରି ଅନ୍ଧବିଶ୍ୱାସ ପ୍ରତ୍ୟେକଙ୍କ ମନରେ ବସା ବାନ୍ଧି ରହିଛି। ଏପରି ବିଶ୍ୱାସକୁ ନେଇ ସରଳ ଆଦିବାସୀ ହିଂସ୍ରକ ହୋଇ ହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ। ପ୍ରାୟଶଃ ଏହା ଘଟି ଚାଲିଛି। ଏହାକୁ ରୋକିବାକୁ ହେଲେ ପ୍ରଥମେ ଶିକ୍ଷାର ବିସ୍ତାର ସେମାନଙ୍କ ମଧ୍ୟରେ ହେବାର ଆବଶ୍ୟକତା ରହିଛି। ପ୍ରଶ୍ନ ଆସେ ଯେ ଉପର ଆଲୋଚିତ ଘଟଣାର ନାୟିକା ରାଧା ଜଣେ ଉଚ୍ଚଶିକ୍ଷିତା ତଥା ସମାଜରେ ଥିଲେ ଜଣେ ପ୍ରତିଷ୍ଠିତା ନାରୀ। ତେବେ ସେ କାହିଁକି ଏପରି ଅନ୍ଧବିଶ୍ୱାସକୁ ଆପଣେଇ ନେଲେ? ତାହାର ଉତ୍ତର ଏତିକି ହୋଇପାରେ ଯେ ସେ ଉଚ୍ଚଶିକ୍ଷିତା ହୋଇ ମଧ୍ୟ ଥିଲେ ସନ୍ତାନ ଆତୁରା। ତେଣୁ ସନ୍ତାନଟିଏ ପାଇବା ପାଇଁ ସେ ସେହିଭଳି ବିଶ୍ୱାସର ବିଷ ବଳୟ ମଧ୍ୟକୁ ଆସିଯାଇଛନ୍ତି ଓ ଶେଷରେ ତାହାର କରୁଣ ପରିଣତି କ'ଣ ହୋଇଛି ତାହା ପାଠକମାନଙ୍କୁ ବେଶ୍ ଜଣାଅଛି।

# ଦେବଶିଳ୍ପୀ ବିଶ୍ୱକର୍ମା



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ବିଶ୍ୱକର୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ସନ୍ତାନ। ଅନେକ ପୁରାଣ କହେ ବିଶ୍ୱକର୍ମା ହେଉଛନ୍ତି ଇନ୍ଦ୍ର ଓ ସୁର୍ଯ୍ୟଙ୍କର ମାନସ ସନ୍ତାନ। ହରିବଂଶ ପୁରାଣ ଅନୁସାରେ ସେ ବାସୁପ୍ରଭା ଓ ତେଜୋଦିପ୍ତ ଅଙ୍ଗିରାରୁଷୀଙ୍କ ସନ୍ତାନ। ସମ୍ପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡର ନିର୍ମାଣ ବିଶ୍ୱକର୍ମା ନିଜ ପିତା ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କ ଆଦେଶରେ କରିଥିଲେ। ବିଶ୍ୱକର୍ମାଙ୍କ ଜନ୍ମକୁ ନେଇ ବିଭିନ୍ନ ମତ ଆସୁଥିଲେ ମଧ୍ୟ ରିଗ୍ ବେଦ ତାର ଏକ ସନ୍ତୋଷ ଜନକ ଉତ୍ତର ଉପସ୍ଥାପିତ କରିଛି। ବିଶ୍ୱକର୍ମା ତ୍ରିନାଥ ବା ତ୍ରିଶକ୍ତି ଯଥା ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କର ଶକ୍ତିରୁ ଉତ୍ପତ୍ତି। ସେ କେବଳ ଦେବ ଶିଳ୍ପୀ ନୁହଁନ୍ତି ସେ ଏକ ଧାରାରେ ବିଶ୍ୱବ୍ରହ୍ମାଣ୍ଡାର ନିର୍ମାଣ କର୍ତ୍ତା ମଧ୍ୟ। ସୂର୍ଯ୍ୟଙ୍କର କନ୍ୟା ସଂଜ୍ଞା ନିଜ ପିତାଙ୍କ ତେଜ ସହି ନପାରି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପାଖରେ ପାଳିତ ହୋଇଥିଲେ, ତେଣୁ ସେ ବିଶ୍ୱକର୍ମାଙ୍କ ଦୁହିତା ଭାବରେ ପରିଚିତା। ଏହି ବିଶ୍ୱନିର୍ମାତାଙ୍କୁ ନେଇ ଅନେକ ରୋଚକ କାହାଣୀ ପୁରାଣ ପୃଷ୍ଠାରେ ବର୍ଣ୍ଣିତ। ଏହି ମହାନ ଦେବଶିଳ୍ପୀ ସ୍ୱର୍ଗର ଅମରାବତୀଠୁ, ସ୍ୱର୍ଣ୍ଣଲଙ୍କା, ଇନ୍ଦ୍ରପ୍ରସ୍ଥ, ହସ୍ତୀନାପୁର ଆଦିର ନିର୍ମାଣକାରୀ। ସେ ମଧ୍ୟ ହିନ୍ଦୁଧର୍ମର ବର୍ଣ୍ଣିତ ସମସ୍ତ ଦେବାଦେବୀମାନଙ୍କର ଧରିଥିବା ଆୟୁଧର ନିର୍ମାଣ କର୍ତ୍ତା। ବୃତ୍ରାସୁର କବଳରୁ ସ୍ୱର୍ଗପୁରୀକୁ ରକ୍ଷାକରିବା ପାଇଁ ମହାନ ତପସ୍ୱୀ ଦଧିଚୀ ନିଜର ପ୍ରଦାନ କରିଥିବା ଶରୀରର ଅସ୍ଥିରେ ପ୍ରସ୍ତୁତ ହୋଇଥିବା ବଜ୍ରର ନିର୍ମାତା ମଧ୍ୟ ଥିଲେ ବିଶ୍ୱକର୍ମା। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ସମୟରେ ତାଙ୍କ ଶରୀରର କିଛିଅଂଶ ଭାସମାନ ହୋଇ ବାଙ୍କୀ ମୁହାଣରୁ ରାଜା ଇନ୍ଦ୍ରଦ୍ୟୁମ୍ନ ପାଇବା ପରେ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଆଜ୍ଞାନୁସାରେ ଦେବଶିଳ୍ପୀ ବିଶ୍ୱକର୍ମା ନିଜେ ଆସି ଲୀଳାମୟ ଜଗନ୍ନାଥଙ୍କର ଅଧାଗଢା ମୂର୍ତ୍ତି ପ୍ରସ୍ତୁତ କରିଥିଲେ। ଅନେକ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ସ୍ୱୟଂ ଜଗନ୍ନାଥ ବୋଲି କହିଥାନ୍ତି। ମହାଲକ୍ଷ୍ମୀ ଯେତେବେଳେ ମହାପ୍ରଭୂଙ୍କ ଦ୍ୱାରା ନିର୍ବାସିତ ହୋଇ ମନ୍ଦିର ଛାଡି ପଳାଇ ଆସିଥିଲେ ସେହି ସମୟରେ ଲକ୍ଷ୍ମୀଙ୍କ ଅନୁରୋଧରେ ବିଶ୍ୱକର୍ମା ଲକ୍ଷ୍ମୀଙ୍କ ପାଇଁ ସୁରମ୍ୟ ଉଆସ ନିର୍ମାଣ କରିଥିଲେ ବୋଲି ଲକ୍ଷ୍ମୀପୁରାଣ ପ୍ରମାଣ ଦେଇଥାଏ। ସେ ଦିନର ପୁରାଣ ବର୍ଣ୍ଣିତ ପୁଷ୍ପକ ବିମାନର ନିର୍ମାତା ଥିଲେ ଦେବଶିଳ୍ପୀ ବିଶ୍ୱକର୍ମା ଯାହା ଆଜି ଏରୋପ୍ଲେନ ଭାବେ ପରିଚିତ। ସେ ଦିନ ଯେଉଁ ମାରଣାସ୍ତ୍ର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ ହେଉଥିଲା ଆଜି ତାହା ସ୍ୱପ୍ନ ଭଳି ଲାଗୁଛି କାରଣ ସେ କେବଳ ଶତୃକୁ ବିନାଶ କରୁଥିଲା କିନ୍ତୁ ଆଜିର ମାରଣାସ୍ତ୍ର ସମଗ୍ର ସମାଜ ତଥା ବିଶ୍ୱକୁ ଧ୍ୱଂସ କରୁଛି। ଏହି ବିଶ୍ୱକର୍ମାଙ୍କ ପରିବାର ବାବଦରେ ଭିନ୍ନ ଭିନ୍ନ ମତ ଆସିଥାଏ। ନିରୁକ୍ତ ଓ ବ୍ରାହ୍ମଣଙ୍କ ମତରେ ସେ ଭୁବନଙ୍କ ସନ୍ତାନ। ବିଶ୍ୱକର୍ମା ତିନୋଟି କନ୍ୟାର ଜନକ ଥିଲେ ବରିହସ୍ମତୀ, ସଂଜ୍ଞା ଓ ଚିତ୍ରାଙ୍ଗଦା। ସେ ମଧ୍ୟ ବିଶ୍ୱରୂପଙ୍କ ଜନକ ଥିଲେ। ସମଗ୍ର ବିଶ୍ୱରେ ବିଶ୍ୱକର୍ମାଙ୍କ ଭଳି ଇଞ୍ଜିନିଅର ବା ଶିଳ୍ପୀ ଆଜି ମିଳିବା ଦୂର୍ଲଭ।

ଆଜି ପ୍ରତ୍ୟେକ ହିନ୍ଦୁ ସମାଜ ବା ସନାତନ ଧର୍ମରେ ଏହି ମହାନ ବିଶ୍ୱ ନିର୍ମାଣର ସ୍ରଷ୍ଟା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆରାଧନା ଭାଦ୍ରବ ମାସ କନ୍ୟା ସଂକ୍ରାନ୍ତିରେ ତାଙ୍କର ପୂଜା ମହୋତ୍ସବ ମହା ଆଡମ୍ବରରେ ପାଳନ କରାଯାଉଛି। ଏହି ଦିନ ବିଭିନ୍ନ ଶିଳ୍ପ ସଂସ୍ଥାରେ ବିଶ୍ୱକର୍ମାଙ୍କ ମୂର୍ତ୍ତିକୁ ବସାଇ ପୂଜା ଆରାଧନା କରିବା ସହ ଭୋଜି ଭାତର ଆସର କରାଯାଇଥାଏ। ପ୍ରତ୍ୟେକ ହିନ୍ଦୁଙ୍କର ବିଶ୍ୱାସ ଯେ ଏହି ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ବିଶ୍ୱାସର ସହିତ ପୂଜା ଆରାଧନା କଲେ ପରିବାରରେ ସୁଖ ସମୃଦ୍ଧିର ବୃଦ୍ଧି ହୋଇଥାଏ। ଆଜିର ଏହି ପବିତ୍ର ଦିବସରେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ନିର୍ମାଣର ଦେବତା ସମଗ୍ର ଦେଶ ତଥା ବିଶ୍ୱର କଲ୍ୟାଣ କରନ୍ତୁ ଏହାହିଁ ତାଙ୍କ ପାଦରେ ନିବେଦନ।



# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବିଶ୍ୱ ନିର୍ମାଣରେ ବିଶ୍ୱକର୍ମା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ସମଗ୍ର ସୃଷ୍ଟି ଅର୍ଥାତ ତିନିପୁରରର ନିର୍ମାତା ହେଉଛନ୍ତି ଦେବ ଶିଳ୍ପୀ ବିଶ୍ୱକର୍ମା। ତାଙ୍କ ସୃଷ୍ଟିର ପଟାନ୍ତର ନାହିଁ। ସେ କେତେବେଳେ ସୂର୍ଯ୍ୟଙ୍କ ସହିତ ଏକ ହୋଇ ଗଲେଣି ତ କେତେବେଳେ ଅଗ୍ନିଙ୍କ ସହିତ ତ କେତେବେଳେ ବିଷ୍ଣୁଙ୍କ ସହିତ। ସେ ବିଶ୍ୱଚକ୍ଷୁ, ଭୂମି ସୃଷ୍ଟି କରିଛନ୍ତି, ମହତ୍ତ୍ୱ ଦ୍ୱାରା ଆକାଶକୁ ବିସ୍ତୃତ କରିଛନ୍ତି। ସେ ପୁଣି ସର୍ବତ୍ର ବିଦ୍ୟମାନ ଆଉ ଚାରିଆଡ଼େ ହିଁ ତାଙ୍କ ମୁଖ, ଚକ୍ଷୁ, ବାହୁ ଓ ପଦ ଅବସ୍ଥିତ। ସେ ସ୍ୱର୍ଗ, ମର୍ତ୍ତ୍ୟ, ପୃଥିବୀ ଓ ପାତାଳର ସ୍ରଷ୍ଟା ପୁନର୍ବାର ସେ ବାକ୍ୟ, କର୍ମ ଓ ଧର୍ମର ଅଧିପତି। ସେ ସବୁ କିଛି ନିର୍ମାଣ କରନ୍ତି, ଧାରଣ କରନ୍ତି ଓ ଦର୍ଶନ ମଧ୍ୟ କରନ୍ତି। ବିଶ୍ୱକର୍ମା ହେଉଛନ୍ତି ଦେବତାମାନଙ୍କ ଶିଳ୍ପୀ। ସେ ଇନ୍ଦ୍ରଙ୍କ ବଜ୍ର ନିର୍ମାଣ କରିଥିଲେ। ସେହି ବଜ୍ରଦ୍ୱାରା ଇନ୍ଦ୍ର ବଧ କରିଥିଲେ ବୃତ୍ତକୁ। ସେ ଦେବତା ମାନଙ୍କର ଶିଳ୍ପ କାର୍ଯ୍ୟ ସାଧକ। ବିଶ୍ୱକର୍ମାଙ୍କ ଜନ୍ମ ସମ୍ବନ୍ଧରେ ବିଭିନ୍ନ ପୁରାଣ ଭିନ୍ନଭିନ୍ନ ମତ ଦିଅନ୍ତି। ବ୍ରହ୍ମ ବୈବର୍ତ୍ତ ପୁରାଣ କହେ ବ୍ରହ୍ମାଙ୍କ ନାଭିଦେଶରୁ ବିଶ୍ୱକର୍ମାଙ୍କ ଜନ୍ମ। ମାତ୍ର ବେଦରେ ବିଶ୍ୱକର୍ମାଙ୍କୁ ଅଜାତ ପୁରୁଷ ବା ସନାତନ ପୁରୁଷ ରୂପେ ବର୍ଣ୍ଣନା କରିଛି। ପୁରାଣର ବିଶ୍ୱକର୍ମା ବିମାନ ନିର୍ମାତା ଓ କାରୁକାର ଓ ଚିତ୍ରଶିଳ୍ପକାରକ। ସେ ଅଳଙ୍କାର ଓ ଭୂଷଣ ପ୍ରସ୍ତୁତକାରକ। କୁଞ୍ଜର ପର୍ବତରେ ଅବସ୍ଥିତ ଅଗସ୍ତିଙ୍କ ଭବନ, କୁବେରଙ୍କ ଅଳକାପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଯଦୁପତି ଶ୍ରୀକୃଷ୍ଣଙ୍କର ସୁରକ୍ଷିତ ସୁରମ୍ୟ ଓ ସୁବ୍ୟବସ୍ଥିତ ରାଜଧାନୀ ଦ୍ୱାରକା ବିଶ୍ୱକର୍ମାଙ୍କ ବାସ୍ତୁବିଦ୍ୟା ଓ ନଗର ପରିକଳ୍ପନା ବିଷୟକ ଜ୍ଞାନର ଉଜ୍ଜଳ ଦୃଷ୍ଟାନ୍ତ। ଦେବତାମାନଙ୍କ ପାଇଁ ନୂଆନୂଆ ମାରଣାସ୍ତ୍ର ବିଶ୍ୱକର୍ମା ପ୍ରସ୍ତୁତ କରିଛନ୍ତି। ଯେଉଁ ପ୍ରସିଦ୍ଧ ଧନୁ ସାହାଯ୍ୟରେ ଶଙ୍କର ତ୍ରିପୁରାସୁରକୁ ସଂହାର କରିଥିଲେ, ଯେଉଁ ଆୟତଧନୁର ଅମିତ ବିକ୍ରମରେ ପରଶୁରାମ ଏକୋଇଶଥର ପୃଥିବୀ ନିଃକ୍ଷେତ୍ରିୟ କରିଥିଲେ, ସେହି ଦୁଇଟି ଧନୁ ବିଶ୍ୱକର୍ମା ନିର୍ମାଣ କରିଥିଲେ ବୋଲି କୁହଯାଏ। ବିଶ୍ୱକର୍ମା ଏହି ପୃଥିବୀର ସ୍ରଷ୍ଟା। ତେଣୁ ସୃଷ୍ଟି ସୌରଭ ସେ ନିଜ ଅଙ୍ଗରେ ମାଖି ନେଇଛନ୍ତି।

ବିଶ୍ୱକର୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହକୁ ମଧ୍ୟ ନିର୍ମାଣ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଳାଯାଇ ପାରିଲା ନାହିଁ ବରଂ ସେଗୁଡ଼ିକର ଧାର ଓଲଟି ଗଲା ଓ ଭାଙ୍ଗି ଗଲା। ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା। କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କଲା। ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ଦିଆଗଲା। ବୁଢ଼ା ବଢ଼େଇର ସର୍ତ୍ତ ରଖିଲା ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବ। ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ। ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି। କିଛିଦିନପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ। ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ ଓ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ। ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧାନ ହୋଇଯାଇଛି, ଅଛି କେବଳ ଦରଗଢ଼ା ମୂର୍ତ୍ତି। ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲାଯେ- "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ। ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବଶିଳ୍ପୀ ବିଶ୍ୱକର୍ମା"। ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ। ବିଶ୍ୱକର୍ମାଙ୍କ ଶିଳ୍ପ କାରୁକାର୍ଯ୍ୟରେ ଅଗାଧ ପାଣ୍ଡିତ୍ୟ ଥିବାରୁ ତାଙ୍କୁ ଶିଳ୍ପକଳାର ଜନକ କୁହାଯାଏ। ପ୍ରତ୍ୟେକ ପର୍ବପର୍ବାଣିର ନିଜର ମହତ୍ତ୍ୱ ରହିଛି। ଶାସ୍ତ୍ରରେ କୁହାଯାଇଛି ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦ ବିନା କୌଣସି କାର୍ଯ୍ୟ ସଫଳ ହୋଇନଥାଏ। ତେଣୁ ଏହି ପୂଜାର ଖୁବ ମାନ୍ୟତା, ମହତ୍ତ୍ୱ ରହିଛି। ଏହି ପୂଜା କରିବା ଦ୍ୱାରା ବ୍ୟବସାୟରେ ଉନ୍ନତି ହେବା ସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ସେପ୍ଟେମ୍ବର ୨୦୨୫ ବୁଧବାର



# ଏକ୍ ପେଡ୍ ମା'କି ନାମ୍ @ ୨.୦





## ପରିବେଶବିତ୍ ଡକ୍ଟର ଅମୂଲ୍ୟ କୁମାର ପଣ୍ଡାଙ୍କ ମତରେ ଜଳବାୟୁ ପରିବର୍ତ୍ତନ ଓ ଆମ ଭବିଷ୍ୟ ପିଢି

ଜଳବାୟୁ ଓ ପାଣିପାଗ ମଧ୍ୟରେ ଫରକକୁ ଏକ ଜନପ୍ରିୟ ଶବ୍ଦାବଳୀରେ ପ୍ରକାଶ କରାଯାଏ: 'ତୁମେ ଯାହା ଆଶା କର ତାହା ଜଳବାୟୁ, ତୁମେ ଯାହା ପାଅ ତାହା ପାଣିପାଗ ।' ଐତିହାସିକ ସମୟରୁ ଦ୍ରାଘିମା, ଉଚ୍ଚତା, ଜଳ-ସ୍ଥଳର ଅନୁପାତ ଓ ସମୁଦ୍ର-ପର୍ବତ ଭଳି ଅନେକ ଗୁଡ଼ିଏ ସ୍ଥିର ଭାରିଏବଲ ଅଛି । ପ୍ଲେଟ ଟେକ୍ଟୋନିକସ ଯୋଗୁ ଏମାନଙ୍କର ନିୟୁତ ନିୟୁତ ବର୍ଷ ଧରି ପରିବର୍ତ୍ତନ ହୋଇଆସୁଛି । ଅନ୍ୟାନ୍ୟ ନିର୍ଦ୍ଧାରକମାନଙ୍କ ମଧ୍ୟରେ ସମୁଦ୍ରର ଥର୍ମୋହାଲାଇନ ସଞ୍ଚାଳନ ଯୋଗୁ ଅନ୍ୟାନ୍ୟ ସମୁଦ୍ର ବେସିନ ଅପେକ୍ଷା ଆଟଲାଣ୍ଟିକ୍ ସମୁଦ୍ରରେ ୫° ସେ (୯° ଫା) ଉଷ୍ମତା ବୃଦ୍ଧି ହେଉଛି । ଜଳବାୟୁ ଯାହାକୁ ଇଂରାଜୀ ଭାଷାରେ Climate କହିଲେ ଦୀର୍ଘ ୩୦ ବର୍ଷର ସ୍ୱାଭାବିକ ପାଣିପାଗର ହାରାହାରି ପରିସଂଖ୍ୟାନକୁ ବୁଝାଏ । ବାୟୁମଣ୍ଡଳର ଚାପ, ଉତ୍ତାପ, ଆର୍ଦ୍ରତା, ପବନ ଓ ପ୍ରେସିପିଟେସନକୁ ହିସାବକୁ ନେଇ ଏହି ଜଳବାୟୁ ବିଷୟରେ ପୁର୍ବାନୁମାନ କରାଯାଏ । ବ୍ୟାପକ ଅର୍ଥରେ ସମୁଦ୍ର ଓ ପୃଥିବୀରେ ଥିବା ବରଫକୁ ଜଳବାୟୁ ମଣ୍ଡଳର ଅଂଶ ଭାବରେ ହିସାବକୁ ନେଲେ ଯାହା ବୁଝାଏ ତାହାକୁ ଜଳବାୟୁ କୁହାଯାଏ । କୌଣସି ସ୍ଥାନର ଜଳବାୟୁ ତାହାର ଦ୍ରାଘିମା, ଇଲାକା, ଉଚ୍ଚତା, ଜଳ ଭଣ୍ଡାର ଓ ତାହାର ସ୍ରୋତ ଅନୁସାରେ ପ୍ରଭାବିତ ହୁଏ । ତେବେ ଜଳବାୟୁ ପରିବର୍ତ୍ତନ ହେବାର ମୁଖ୍ୟ କାରଣ ବର୍ତ୍ତମାନ କ'ଣ ହୋଇପାରେ ଆସନ୍ତୁ ଆଲୋକପାତ କରିବା । ଅନବରତ ପରିବର୍ତ୍ତନଶୀଳ ବିଶ୍ୱରେ ଅନେକ ଘଟଣା ଆପେ ଆପେ ଘଟେ । ଯାହା ବିବର୍ତ୍ତନର ଦ୍ୱାର ଖୋଲେ । ତନ୍ମଧ୍ୟରୁ ମହାଦେଶୀୟ ଭୁସ୍ଖଳନ, ଆଗ୍ନେୟଗିରି ଉଦ୍ଗୀରଣ, ପୃଥିବୀର ଭାରସାମ୍ୟ ନଷ୍ଟ ଓ ସାମୁଦ୍ରିକ ସ୍ରୋତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ଗ୍ରହଣ କରିଛି । ଜଳବାୟୁ କହିଲେ ଦୀର୍ଘ ସମୟ ମଧ୍ୟରେ ହାରାହାରି ପାଣିପାଗକୁ ବୁଝାଏ । ତେଣୁ ଉଭୟ ପାଣିପାଗ ଓ ଜଳବାୟୁ ଘନିଷ୍ଠ ଭାବରେ ସମ୍ପୃକ୍ତ । ଜଳବାୟୁ ଦ୍ୱାରା ବିଭିନ୍ନ ରକମର ଉଦ୍ଭିଦ ଜାତ ହୁଅନ୍ତି । ପୃଥିବୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରକମର ଜଳବାୟୁ ଦେଖାଯାଏ । କେବଳ ଗୋଟିଏ ସ୍ଥାନର ବିଷୁବରେଖାଠାରୁ ଦୂରତ୍ୱ ଜଳବାୟୁ ପରିବର୍ତ୍ତନ କରେ ନାହିଁ । ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁ ନିର୍ଣ୍ଣୟ କରେ । ଉଷ୍ଣ ଓ ଶୀତଳ ସମୁଦ୍ର ସ୍ରୋତମାନ ପ୍ରବାହିତ ହେଲେ, ସେହି ଅଞ୍ଚଳମାନଙ୍କୁ ଗରମ ଓ ଥଣ୍ଡା ରଖେ । ତା'ଛଡା ପୃଥିବୀର ବାୟୁ ପ୍ରବାହ ବ୍ୟବସ୍ଥା, ଜଳୀୟ ବାଷ୍ପର ପରିମାଣ ଜଳବାୟୁ ଉପରେ ପ୍ରଭାବ ପକାଏ । କେତେ ବର୍ଷ ଅନ୍ତରରେ ପ୍ରବାହିତ ହେଉଥିବା ଏଲ୍ ନିନୋ ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁକୁ ବଦଳାଏ । ଅନେକ ସମୟରେ ବାୟୁ ଦୁର୍ବଳ ହୁଏ ଏବଂ ତାପମାତ୍ରା ଓ ବୃଷ୍ଟିପାତ ବ୍ୟବସ୍ଥା ବଦଳେ । ଏହାକୁ ଦକ୍ଷିଣ ଅସିଲେସନ୍ କହନ୍ତି । ଏହା ପୃଥିବୀର ଜଳବାୟୁକୁ ବଦଳାଏ । ପୃଥିବୀରେ ପ୍ରଥମେ ହିମ ବା ବରଫ ଯୁଗ ଥିଲା । ଯେତେବେଳେ ଥଣ୍ଡା ଜଳବାୟୁ ଯୋଗୁଁ ପୃଥିବୀର ଅଧିକାଂଶ ଭାଗ ବରଫ ଆଚ୍ଛାଦିତ ଥିଲା । ତା'ପରେ ଉଷ୍ଣ ଯୁଗ ଆସିଲା । ତା'ପରେ ପୁଣି ବରଫ ଯୁଗ ଆସିଲା । ନିୟୁତ ନିୟୁତ ବର୍ଷ ଧରି ଏଭଳି ଭାବରେ ପୃଥିବୀର ଜଳବାୟୁ ଚାଲୁଛି । ଲମ୍ବା ହିମ ବା ବରଫ ଯୁଗ ଏବଂ ତା'ପରେ ସ୍ୱଳ୍ପ ଉଷ୍ଣ ଯୁଗ । ବରଫ ଯୁଗ ପରେ ମଧ୍ୟ ତାପମାତ୍ରା ବଦଳେ । ବୈଜ୍ଞାନିକମାନେ ମତପୋଷଣ କରନ୍ତି ଯେ, ପୃଥିବୀର ଜଳବାୟୁ ବରାବର ବଦଳେ । ଯେତେବେଳେ ପୃଥିବୀ ସୂର୍ଯ୍ୟରୁ ଆସୁଥିବା ଉତ୍ତାପ କମିଯାଏ, ସେତେବେଳେ ହିମ ଯୁଗ ଆସେ । ଏହାର କାରଣ ହେଲା – ପୃଥିବୀର ଅକ୍ଷ ବେଶି ଢଳିବା, ପୃଥିବୀର ଘୂର୍ଣ୍ଣନର ପରିବର୍ତ୍ତନ ହେବା ଏବଂ ପୃଥିବୀର ପରିକ୍ରମା କକ୍ଷ ଲମ୍ବାକୃତି ହେବା । ବର୍ତ୍ତମାନ ୨୯୦ ନିୟୁତ ବର୍ଷ ପୂର୍ବେ ଥିବା ପୃଥିବୀର ହିମ ଯୁଗର ସନ୍ଧାନ ମିଳିଅଛି ।

## ପରିବେଶବିତ୍ ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ମତରେ ଜଳବାୟୁ ପରିବର୍ତ୍ତନର ବୈଶ୍ୱିକ ପ୍ରଭାବ

ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ଏକ ବିପଦ ଭାବେ ଉଭା ହୋଇଛି । ଏହାର ପ୍ରଭାବ ଅନେକ ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି । ଏଥି ପାଇଁ ସତର୍କତା ଅବଲମ୍ବନ କରାଯିବା ଜରୁରୀ । ତାହା ନହେଲେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ କହୁଛନ୍ତି । ଫଳସ୍ୱରୂପ ଅଚାନକ ବନ୍ୟା, ମରୁଡି, ସାମୁଦ୍ରିକ ଜୁଆର, ବାତ୍ୟା ଭଳି ସଙ୍କଟ ଆଡକୁ ସମଗ୍ର ବିଶ୍ୱ ଠେଲିହୋଇଯିବାର ଅନୁମାନ କରାଯାଉଛି । ଏସବୁ ଅଭାବନୀୟ ଘଟଣା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ବିଶ୍ୱ ତାପାୟନବୃଦ୍ଧି ଏହାର ଏକ ମୁଖ୍ୟ ଘଟଣା ବୋଲି କୁହାଯାଉଛି । ଏକ ଆକଳନ ଅନୁସାରେ ଏହି ତାପାୟନ ବୃଦ୍ଧିଯୋଗୁ ତାପମାତ୍ରାରେ ବୃଦ୍ଧି ସହିତ ବିଶ୍ୱ ସ୍ତରରେ ଜଳବାୟୁ ପରିବର୍ତ୍ତନ ହେବାର ଯଥେଷ୍ଟ କାରଣ ରହିଛି । ଏକ ହିସାବ ଅନୁସାରେ ଖୁବ୍ ନିକଟରେ ପୃଥିବୀର ୩୮-୪୦ପ୍ରତିଶତ ଭୂଭାଗ ବର୍ତ୍ତମାନ ତୁଳାନରେ ଏକ ଭିନ୍ନ ଜଳବାୟୁ ଜୋନ୍‌ରେ ପ୍ରବେଶ କରିଥିବ ଏବଂ ଆଗକୁ ପୃଥବୀର ଭୂଭାଗର ପ୍ରାୟ ୫୦ପ୍ରତିଶତ ଅଜଣା ଜଳବାୟୁ କ୍ଷେତ୍ରରେ ରୂପାନ୍ତରିତ ହେବ । ଆକଳନରୁ ଜଣାପଡିଛି ଯେ ବିଶ୍ୱ ତାପନହାର ବଢିଚାଲିବ । ଏହା ଦ୍ୱାରା ପୃଥିବୀର ଅଧିକ ଅଞ୍ଚଳ ମରୁଭୂମି ପାଲଟିବ । ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ । ବିଶ୍ୱର ଥଣ୍ଡା ଜୋନରେ ଥିବା ଦେଶଗୁଡିକ ଗରମ ଜୋନ୍‌କୁ ଆସିବା ସହିତ ଗରମ ଜୋନରେ ଥିବା ଅଞ୍ଚଳଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି ।

ଜଳବାୟୁ ପରିବର୍ତ୍ତନର ଏହି ପ୍ରଭାବ ଆମ ଦେଶରେ ମଧ୍ୟ ପରିଲକ୍ଷିତ ହେଉଛି । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା । ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡ଼ିଶା । ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା । ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡ଼ିଶା ଉପକୂଳ ଦେଇ ଯାଇଛି । ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ । ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ । ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯାଉଛି । ଗବେଷଣାରୁ ଜଣାପଡିଛି ଯେ, ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି । ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି । ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି । ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୁରିବାକୁ ଯାଉଛି । ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ନିକଟରେ ଫନି ଭଳି ପ୍ରାକୃତିକ ବାତ୍ୟାର ପ୍ରକୋପକୁ ଆମେ ଅଙ୍ଗେ ନିଭେଇ ସାରିଛୁ । ପ୍ରକୃତିର ଏହି କ୍ରୁର ରୂପ କେତେବେଳେ କିଭଳି ଆକାର ଧାରଣକରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ବା ଲଘୁଚାପ ସୃଷ୍ଟିହେଲେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀ ପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନଥିବ । ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ ହେବନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନୀ ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରଳ ସଫଳତା

ପରିବେଶ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ପରିବେଶ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ବାର୍ତ୍ତା (ଏକ୍ ପେଡ୍ ମା'କେ ନାମ୍- ମା'ପାଇଁ ଗଛ ଟିଏ) ଦେଇଛନ୍ତି ତାହା କେବଳ ଓଡ଼ିଶା କି ଭାରତବର୍ଷ ପାଇଁ ନୁହେଁ ସମଗ୍ର ବିଶ୍ୱ ଓ ମାନବ ଜାତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଣିଧାନ ଯୋଗ୍ୟ । କାରଣ ଗଛ ଓ ସନ୍ତୁଳିତ ପରିବେଶ ବିନା ମାନବ ସମାଜ ଓ ମାନବ ଜୀବନ ଦୁର୍ବିସହ ଏବଂ ମୂଲ୍ୟହୀନ । ବିକାଶ ନାମରେ ଚାଲିଥିବା ଦୃତ ଶିଳ୍ପାୟନ, ସହରୀକରଣ, ମେଗା ପ୍ରୋଜେକ୍ଟ ଏବଂ ଖଣି ଓ ଜଙ୍ଗଲ ସମ୍ପଦ ଲୁଟ୍ ଯୋଗୁଁ ପରିବେଶ ଉପରେ ତା'ର ଗୁରୁତର ପ୍ରଭାବ ପଡୁଛି । ଏହା ସହିତ ମୃତ୍ତିକା ଅବକ୍ଷୟ ସାଙ୍ଗକୁ ସୁନାମୀ, ଭୂସ୍ଖଳନ, ଭୂମିକମ୍ପ, ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଘଟୁଛି । ଏସବୁରୁ ମାନବ ସମାଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ ସ୍ୱରୂପ ଏକ୍ ପେଡ୍ ମା'କେ ନାମ୍‌ର ଅଭିଯାନ ଆରମ୍ଭ କରିଛନ୍ତି । ଯାହାକୁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱର ବିଭିନ୍ନ ଦେଶ ଓ ନେତାମାନେ ଗ୍ରହଣ କରିବା ସହ ସ୍ୱାଗତ ମଧ୍ୟ ଜଣାଇଛନ୍ତି । କାରଣ ବିକାଶ ସହିତ ପରିବେଶ ସୁରକ୍ଷା ଅଙ୍ଗାଙ୍ଗି ଭାବେ ଜଡିତ । ବିଭିନ୍ନ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ସହିତ ବୃକ୍ଷ ରୋପଣ ସେହି ଅନୁପାତରେ କରାଯିବାର ଜରୁରୀ ଆବଶ୍ୟକତାକୁ ମନେକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସନ୍ତୁଳିତ ପରିବେଶ ଲାଗି ଗଛ ଲଗାଇବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସାରା ଦେଶରେ ଅଭୁତପୂର୍ବ ସମର୍ଥନ ମଧ୍ୟ ମିଳିଛି । ଏକ୍ ପେଡ୍ ମା'କେ ନାମ୍ ୨.୦ ଅଭିଯାନରେ ଅଧିକରୁ ଅଧିକ ସଂଖ୍ୟାରେ ସକ୍ରୀୟ ଭାବେ ସାମିଲ ହେବାପାଇଁ ଆହ୍ୱାନ ଦିଆଯାଇଛି । ରାଜ୍ୟ ଓ ଦେଶରେ ଏହା ଏବେ ଏକ ଆନ୍ଦୋଳନରେ ପରିଣତ ହୋଇଯାଇଛି । ଗଛ ଲଗାଇବା ଦ୍ୱାରା ପରିବେଶ ସୁରକ୍ଷା ହୋଇପାରିବ-ଏଭଳି ସଚେତନତାର ବାର୍ତ୍ତା ପ୍ରଧାନମନ୍ତ୍ରୀ ଦେଇଥିବାରୁ ତାହାକୁ ରାଜ୍ୟ ଓ ଦେଶବାସୀ ଅନୁପାଳନ କରିବା ପାଇଁ ସୁଯୋଗ ଆସିଛି ।

## ରାଜ୍ୟ ପରିବେଶ ପାଇଁ ମୋହନ ଫୁଙ୍କିଲେ ବଂଶୀ

ପ୍ରାଣୀ ଜଗତକୁ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ପରିବେଶ ସୁରକ୍ଷା ଅନିର୍ବାର୍ଯ୍ୟ । ଏହି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ୍ ପେଡ୍ ମା'କେ ନାମ' ଅଭିଯାନ ଆଜି ସାରା ଦେଶରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୬.୭୨ କୋଟି ଚାରା ରୋପଣ କରାଯାଇଥିଲା । ଚଳିତ ବର୍ଷ ଏକ୍ ପେଡ୍ ମା'କେ ନାମ ୨.୦ ଅଭିଯାନରେ ରାଜ୍ୟରେ ୭.୫ କୋଟି ଚାରା ରୋପଣ ଲାଗି ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଥମିକତା ଦେଇଛନ୍ତି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମ ଦିବସ ଉପଲକ୍ଷେ ବୁଧବାର (୧୭.୦୯.୨୦୨୫)ରେ ଏକ୍ ପେଡ୍ ମା'କେ ନାମ ୨.୦ ଅଭିଯାନର ଶୁଭାରମ୍ଭ ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ହେବ । ଆମ ଜନ୍ମଦାତ୍ରୀ ମା'ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଗଛଟିଏ ନିଶ୍ଚୟ ଲଗାଇବା ଅଭିଯାନରେ ଆମେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି । ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନନେବା, ଭବିଷ୍ୟତ ପିଢି ପାଇଁ ଏକ ସୁନ୍ଦର ପୃଥିବୀ ଗଢି ତୋଳିବା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଜଣାଇଛନ୍ତି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜୟନ୍ତୀ ଉପଲକ୍ଷେ ଯେଉଁ ଏକ ପେଡ୍ ମା'କେ ନାମ୍ ୨.୦ ଅଭିଯାନ ୧୭ ତାରିଖ (ବୁଧବାର)ରୁ ଆରମ୍ଭ ହେଉଛି ସେଥିରେ କେବଳ ସରକାରୀ ବିଭାଗ ନୁହଁନ୍ତି ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଏବଂ ପ୍ରତ୍ୟେକ ନାଗରିକ ସକ୍ରୀୟ ଭାବେ ସାମିଲ ହୋଇ ଏହାର ସଫଳତା ଦିଗରେ କାମ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।









# ଦୈନନ୍ଦିନ ଜୀବନଶୈଳୀକୁ ପରିବର୍ତ୍ତନ କରିବାର ଉପାୟ – ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୦ଟି ବଡ଼ ପଦକ୍ଷେପ

ଆଜିଠାରୁ ମାତ୍ର ଗୋଟିଏ ଦଶନ୍ଧି ପଛ କଥା ଚିନ୍ତା କରନ୍ତୁ । ସେତେବେଳେ ଭାରତର ଦୈନନ୍ଦିନ ଜୀବନର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା । ରେଳବାଇ କାଉଣ୍ଟରରେ ଲମ୍ବା ଧାଡ଼ି, ଦୋକାନରେ ଟଙ୍କା ପାଇଁ ବାରମ୍ବାର ଅନୁରୋଧ, ଗ୍ୟାସ୍ ସଂଯୋଗ ପାଇବାକୁ ଲାଞ୍ଚ ଦେବାର ଚାପ, କିମ୍ବା ଆବଶ୍ୟକୀୟ ଔଷଧ କିଣିବା ପାଇଁ ସକ୍ଷମ ନଥିବାର କଷ୍ଟ – ଏସବୁ ସେତେବେଳେ ଖୁବ୍ 'ସ୍ୱାଭାବିକ' ଲାଗୁଥିଲା । ଆମେ ଏହାକୁ ଗ୍ରହଣ କରିନେଇଥିଲୁ, କାରଣ ସେ ସମୟରେ ଆମ ନିକଟରେ ଅନ୍ୟ କୌଣସି ବିକଳ୍ପ ନଥିଲା ।

ସେଭଳି ଅବସ୍ଥାରୁ ଫେରିଆସି ଆଜିର କଥା ଭାବନ୍ତୁ । ଆପଣ ପନିପରିବା ବିକ୍ରେତାଙ୍କୁ ଦେୟ ଦେବା ପାଇଁ ଆପଣଙ୍କ ଫୋନକୁ ଟ୍ୟାପ୍ କରନ୍ତି, ବିନା ଅଟକି ଟୋଲ୍ ପ୍ଲାଜା ଦେଇ ଯାଆନ୍ତି, ଆପଣଙ୍କ ଯାତାୟାତ ସମୟରେ ଶସ୍ତା ଡାଟାରେ ଚଳଚ୍ଚିତ୍ର ଦେଖନ୍ତି ଏବଂ ଆପଣଙ୍କ ଗ୍ୟାସ୍ ସବ୍‌ସିଡି ସିଧାସଳଖ ନିଜର ଆକାଉଣ୍ଟରେ ଜମିଥିବା ଦେଖନ୍ତି । ଏହା ସବୁ ବର୍ତ୍ତମାନ ନିୟମିତ ଓ କେତେ ସ୍ୱାଭାବିକ ମନେହୁଏ । କିନ୍ତୁ ଏଠାରେ ଥିବା ସତ୍ୟଟି ହେଲା: ୨୦୧୪ ପୂର୍ବରୁ ଏହି 'ସାଧାରଣ' ଜିନିଷଗୁଡ଼ିକ ମଧ୍ୟରୁ କୌଣସିଟି ନଥିଲା ।

ମାତ୍ର ଏକ ଦଶନ୍ଧିରୁ କମ୍ ସମୟ ମଧ୍ୟରେ, ଭାରତର ସାଧାରଣ ପରିଭାଷା ପୁନଃଲିଖିତ ହୋଇଛି । ନାଗରିକମାନେ ଦୈନନ୍ଦିନ ପାରସ୍ପରିକ କ୍ରିୟାରେ ଗତି, ସ୍ୱଚ୍ଛତା ଏବଂ ମର୍ଯ୍ୟାଦା ଆଶା କରନ୍ତି – କାରଣ, ସେମାନଙ୍କୁ କେବଳ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ନୁହେଁ, ବରଂ ସେଗୁଡ଼ିକ ସମ୍ଭବ ହୋଇଗଲା ବୋଲି । ମୋଦୀ ଯୁଗ ମହାନ ଘୋଷଣା ବିଷୟରେ କମ୍ ଏବଂ ଦୈନନ୍ଦିନ ଜୀବନର ଛୋଟ ଛୋଟ, ପୁନରାବୃତ୍ତିକ୍ଷମ ମୁହୂର୍ତ୍ତଗୁଡ଼ିକୁ କିପରି ନୀରବରେ ପରିବର୍ତ୍ତନ କରାଯାଇଛି ସେ ବିଷୟରେ ଅଧିକ ଥିଲା ।

**ନରେନ୍ଦ୍ର ମୋଦୀଙ୍କ ନୀତିଗୁଡ଼ିକ ଭାରତର ଦୈନନ୍ଦିନ ଜୀବନକୁ ପୁନଃ ଆକାର ଦେଇଥିବା ୧୦ଟି ଉପାୟ ଏଠାରେ ଦିଆଯାଇଛି :**

**୧. ୟୁ.ପି.ଆଇ. ଏବଂ ଡିଜିଟାଲ୍ ପେମେଣ୍ଟ :** ପଥପାର୍ଶ୍ୱ ବିକ୍ରେତାମାନେ ଏବେ ପ୍ରତ୍ୟେକ ବିକ୍ରୟକୁ ଏକ ଟ୍ୟାପ୍ ସହିତ ଟ୍ରାକ୍ କରନ୍ତି । ଋଣର ପ୍ରବେଶ ଉନ୍ମୁକ୍ତ ହୋଇଛି, ସ୍ୱଚ୍ଛତା ଗଭୀର ହୋଇଛି ଏବଂ ଭାରତ ବାସ୍ତବ-ସମୟ ପେମେଣ୍ଟରେ ବିଶ୍ୱର ନିର୍ବିବାଦ ନେତା ହୋଇଛି । ୟୁ.ପି.ଆଇ. ଏବେ ସୀମାପାର ସ୍ଥାନାନ୍ତରକୁ ଶକ୍ତି ପ୍ରଦାନ କରିବା ସହିତ, ପ୍ରବାସୀ ପରିବାରମାନେ ଟଙ୍କା ପଠାଇବା ଖର୍ଚ୍ଚରେ ବହୁତ ସଞ୍ଚୟ କରୁଛନ୍ତି ।

**୨. ଜନ ଧନ ଆକାଉଣ୍ଟ :** ଲକ୍ଷ ଲକ୍ଷ ଲୋକ, ବିଶେଷକରି ମହିଳାମାନେ ପ୍ରଥମ ଥର ପାଇଁ ଆର୍ଥିକ ସ୍ୱାଧୀନତା ଅନୁଭବ କରିଛନ୍ତି । ମଜୁରି ଏବଂ ସବସିଡି ସିଧାସଳଖ ସେମାନଙ୍କ ଆକାଉଣ୍ଟରେ ପହଞ୍ଚିବା ସହିତ, ପରିବାରଗୁଡ଼ିକ ଆନୁଷ୍ଠାନିକ ବ୍ୟବସ୍ଥାରେ ସଞ୍ଚୟକୁ ସ୍ଥାନାନ୍ତର କରିବା ଆରମ୍ଭ କରିଛନ୍ତି, ବ୍ୟାଙ୍କଗୁଡ଼ିକୁ ମଜବୁତ କରିଛନ୍ତି ଏବଂ ଅର୍ଥନୀତିରେ ଋଣ ପ୍ରସାରଣକୁ ଇନ୍ଧନ ଦେଇଛନ୍ତି ।

**୩. ଫାଷ୍ଟଟାଗ୍ ଏବଂ ପରିବହନ ଦକ୍ଷତା :** ଟୋଲ୍ ଗେଟ୍ ନିକଟରେ ଆଉ କୌଣସି ଧାଡ଼ି ଲମ୍ବୁ ନାହିଁ । ଇନ୍ଧନ ସଞ୍ଚୟ ହୋଇଛି, ଯାତ୍ରା ଦ୍ରୁତତର ହୋଇଛି ଏବଂ ଯୋଗାଣ ଶୃଙ୍ଖଳ ସୁଗମ ହୋଇଛି । କମ୍ ଲଜିଷ୍ଟିକ୍ସ ଖର୍ଚ୍ଚ ଭାରତର ବାଣିଜ୍ୟ ପ୍ରତିଯୋଗିତାକୁ ବୃଦ୍ଧି କରିଛି ଏବଂ 'ପରବର୍ତ୍ତୀ ଦିନର ବିତରଣ'ର ଇ-କମର୍ସ ସଂସ୍କୃତି ପାଇଁ ମଧ୍ୟ ମଞ୍ଚ ପ୍ରସ୍ତୁତ କରିଛି ।

**୪. ଶସ୍ତା ଡାଟା ଏବଂ ଇଣ୍ଟରନେଟ୍ ପ୍ରବେଶ :** ସୁଲଭ ଇଣ୍ଟରନେଟ୍ ସୁବିଧା ଦେଶର ଛୋଟ ସହର ଏବଂ ଗ୍ରାମଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଚାଷୀମାନେ ସେମାନଙ୍କ ଫୋନରେ ମଣ୍ଡି ମୂଲ୍ୟ ସହଜରେ ଯାଞ୍ଚ କରିପାରୁଛନ୍ତି, ଛାତ୍ରମାନେ ଅନଲାଇନ୍ କ୍ଲାସରେ ଯୋଗ ଦେଉଛନ୍ତି ଏବଂ ଗ୍ରାମୀଣ ଯୁବକମାନେ କୋଡିଂ ପାଠ୍ୟକ୍ରମରେ ପ୍ରବେଶ କରନ୍ତି । ଏହି ଡିଜିଟାଲ୍ ଲହରୀ ସମ୍ପୂର୍ଣ୍ଣ ନୂତନ ଅର୍ଥନୀତି ସୃଷ୍ଟି କରେ – ଓ.ଟି.ଟି. ପ୍ଲାଟଫର୍ମରୁ କୃତ୍ରିମ ପ୍ରଜ୍ଞା ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ – ଭାରତର ପ୍ରତିଭା ପୁଲକୁ ଗଭୀର କରିବା ସହିତ ।

**୫. ମେଟ୍ରୋ ସମ୍ପ୍ରସାରଣ :** ଦିଲ୍ଲୀରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ, ମେଟ୍ରୋଗୁଡ଼ିକ ହଜିଯାଇଥିବା ସମୟକୁ ଫେରି ପାଇଛନ୍ତି, ଟ୍ରାଫିକ୍ ପୁନଃପ୍ରାପ୍ତ କରିଛନ୍ତି ଏବଂ ପ୍ରଦୂଷଣ ହ୍ରାସ ପାଇଛି । ମେଟ୍ରୋ କରିଡର ସହିତ ରିଅଲ୍ ଇଷ୍ଟେଟ୍ ସମୃଦ୍ଧ ହୋଇଥିଲା, ସହରାଞ୍ଚଳ ଅଭିବୃଦ୍ଧିକୁ ପୁନଃ ଆକାଂକ୍ଷୀ ଭାବରେ ପୁନଃ-ପରିଭାଷିତ କରିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ମେଟ୍ରୋଗୁଡ଼ିକ ସାର୍ବଜନୀନ ପରିବହନକୁ ଆକାଂକ୍ଷୀ ଭାବରେ ପୁନଃ-ପରିଭାଷିତ କରିଥିଲା – ଏପରି ସ୍ଥାନ ଯେଉଁଠାରେ ପ୍ରତ୍ୟେକ ଶ୍ରେଣୀ ଏକାଠି ଯାତ୍ରା କରେ, ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ।

**୬. ଜନ ଔଷଧି କେନ୍ଦ୍ର :** ପରିବାରଗୁଡ଼ିକ ଆଉ ଚିକିତ୍ସା ବିଲ୍ ପାଇଁ ଜୀବନ ହାନି ଭଳି ପରିସ୍ଥିତିର ସମ୍ମୁଖୀନ ହେଉନାହାନ୍ତି । ସୁଲଭ ଜେନେରିକ୍ସ ଚିକିତ୍ସାର ପଦ୍ଧତି ପ୍ରଚଳନକୁ ହାତ ପାଆନ୍ତାକୁ ଆଣି ଏକ ସୁସ୍ଥ, ଅଧିକ ଉତ୍ପାଦନଶୀଳ କର୍ମଶକ୍ତି ସୃଷ୍ଟି କରେ । ଜେନେରିକ୍ସର ଚାହିଦା ଭାରତୀୟ ଫାର୍ମାକୁ 'ବିଶ୍ୱର ଫାର୍ମାସି' ଭାବରେ ଏହାର ବିଶ୍ୱ ଧାରକୁ ମଜବୁତ କରିବା ପାଇଁ ମଧ୍ୟ ପ୍ରେରଣା ଦେଇଥିଲା ।

**୭. ଡିଜିଲକର ଏବଂ ଇ-ଗଭର୍ଣ୍ଣାନ୍ସ :** ଅସଂଖ୍ୟ ଫଟୋକପି ଏବଂ ଲମ୍ବା ଧାଡ଼ି ତୁରନ୍ତ ଡିଜିଟାଲ୍ ଯାଞ୍ଚକୁ ପଥ ପ୍ରଦର୍ଶନ କରିଥିଲା । ଉଦ୍ୟୋଗୀମାନେ ଏବେ ଶୀଘ୍ର ଋଣ ପାଇପାରିବେ, ନାଗରିକମାନେ ରାଷ୍ଟ୍ର ସହିତ ଅଧିକ ଆତ୍ମବିଶ୍ୱାସର ସହିତ ଜଡ଼ିତ ହେବେ ଏବଂ ଏକ 'କାଗଜବିହୀନ ସଂସ୍କୃତି' ସ୍କୁଲ ଏବଂ ଘରୋଇ ଫାର୍ମଗୁଡ଼ିକୁ ଡିଜିଟାଲ୍-ପ୍ରଥମ ଅଭ୍ୟାସ ଆଡ଼କୁ ଟାଣି ନେଉଛି ।

**୮. ବାଣିଜ୍ୟରେ କ୍ୟୁ.ଆର କୋଡ୍ :** ଚା' ଦୋକାନ ଠାରୁ ମଲ୍ ପର୍ଯ୍ୟନ୍ତ, କ୍ୟୁ.ଆର. କୋଡ୍ ଛୋଟ ଦୋକାନୀଙ୍କୁ ଆର୍ଥିକ ପଦଚିହ୍ନ ଦେଇଥିଲା, ଋଣ, ବୀମା ଏବଂ ବ୍ୟବସାୟ ଅଭିବୃଦ୍ଧି ଦ୍ୱାର ଉନ୍ମୁକ୍ତ କରିଥିଲା । ବିନା ବାକ୍ୟବ୍ୟୟରେ, କଠୋର ବ୍ୟବସ୍ଥା ବିନା କର ଅନୁପାଳନ ବୃଦ୍ଧି ପାଇଲା । ବିଶ୍ୱ ସ୍ତରରେ, ଭାରତ ସୁଲଭ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଏକ ମଡେଲ୍ ପାଲଟିଗଲା, ଆଫ୍ରିକା ଏବଂ ଏସିଆ ମହାଦେଶର ଦେଶଗୁଡ଼ିକୁ ପ୍ରେରଣା ଯୋଗାଇଲା ।

**୯. ଗିଗ୍ ଅର୍ଥନୀତି ଅଭିବୃଦ୍ଧି :** ଲକ୍ଷ ଲକ୍ଷ ଛାତ୍ର, ମହିଳା ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକଙ୍କ ପାଇଁ ନମନୀୟ କାର୍ଯ୍ୟ ଜୀବନରେଖାରେ ପରିଣତ ହେଲା । ଗିଗ୍ ବୁମ୍ ଜୀବନଶୈଳୀକୁ ପୁନଃ ଆକାର ଦେଇଥିଲା : ୧୦-ମିନିଟ୍ ଡେଜରାତି ବିତରଣ, ଆପ୍- ଆଧାରିତ କ୍ୟାବ୍ ଏବଂ ଖାଦ୍ୟ ଅର୍ଡର ନୂତନ ସାଧାରଣ ହୋଇଗଲା, ବ୍ୟବହାର ଢାଞ୍ଚା, ସହର ଲଜିଷ୍ଟିକ୍ସ ଏବଂ ଏପରିକି ଖାଦ୍ୟ ଅଭ୍ୟାସକୁ ପରିବର୍ତ୍ତନ କଲା ।

**୧୦. ସାର୍ବଜନୀନ ସେବା ଏବଂ ଆଚରଣଗତ ପରିବର୍ତ୍ତନ :** ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ମଧ୍ୟସ୍ଥିମାନଙ୍କ ହାତଚିକ୍କଣକୁ ହଟାଇ ଦେଇଥିଲା, ଲାଞ୍ଚ କିମ୍ବା ବିଳମ୍ବ ବିନା ନାଗରିକଙ୍କ ପାଖରେ ଟଙ୍କା ପହଞ୍ଚିବା ନିଶ୍ଚିତ କରିଥିଲା । ସ୍ୱଚ୍ଛ ଭାରତ ମହିଳାମାନଙ୍କୁ ଶୌଚାଳୟ ଏବଂ ସୁରକ୍ଷା ସହିତ ମର୍ଯ୍ୟାଦା ଦେଇଥିଲା, ଯେତେବେଳେ ସ୍ୱଚ୍ଛତାରେ ନାଗରିକ ଗର୍ବ ସୃଷ୍ଟି କରିଛି । ଆଜି ଲୋକମାନେ ଡିବିଟି, କ୍ୟୁ.ଆର. କୋଡ୍ ଏବଂ ଡିଜିଟାଲ୍ ସ୍ୱଚ୍ଛତାକୁ ସଂସ୍କାର ଭାବରେ ନୁହେଁ, ବରଂ ଶାସନର ମୂଳ ଆଧାର ଭାବରେ ଆଶା କରନ୍ତି ।

**ନୀରବ ବିପ୍ଳବ :** ଯାହା ପୂର୍ବରୁ ଅକଳ୍ପନୀୟ ଥିଲା, ବର୍ତ୍ତମାନ ତାହା ଏକ ଅଭ୍ୟାସରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ବ୍ୟବସ୍ଥା ନୁହେଁ, ବରଂ ମାନସିକତାରେ ପରିବର୍ତ୍ତନ ଘଟାଇଛି । ବିଲ୍ ପୈଠ ଠାରୁ ମେଟ୍ରୋରେ ଚଢ଼ିବା, ଔଷଧ କିଣିବାଠାରୁ ସରକାରୀ ସୁବିଧା ହାସଲ କରିବା ପର୍ଯ୍ୟନ୍ତ, ଭାରତର ଦୈନନ୍ଦିନ ଜୀବନକୁ ପୁନଃପରିଭାଷିତ କରାଯାଇ ପାରିଛି ।

**ଲହରର ପ୍ରଭାବ ସ୍ପଷ୍ଟ :** ନାଗରିକମାନେ ବର୍ତ୍ତମାନ ମର୍ଯ୍ୟାଦା, ଦକ୍ଷତା ଏବଂ ସ୍ୱଚ୍ଛତା ଦାବି କରନ୍ତି – ଯାହା ଏକ ସୁବିଧା ଭାବରେ ନୁହେଁ, ବରଂ ସେମାନଙ୍କର ଦୈନନ୍ଦିନ ଅଧିକାର ଭାବରେ ସେମାନେ ତାହା ଆଶା କରନ୍ତି ।



ଭୁବନେଶ୍ୱର : ସର୍ବାଧିକ କର୍ମନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ 'ଷ୍ଟାର ଏମ୍ପ୍ଲୟମେଣ୍ଟ ଆୱାର୍ଡ-୨୦୨୪-୨୫' ପୁରସ୍କାର ଗ୍ରହଣ କରୁଛନ୍ତି ବିପିଏସଏଲ ସଭାପତି ଅନୀଲ କୁମାର ସିଂହ । ନିକଟରେ ଉପସ୍ଥିତ ଅଛନ୍ତି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ଅଧିକାରୀମାନେ । (ଫଟୋ : ସମ୍ବାଦକଳିକା)

## ବାଳିହରଚଣ୍ଡି ଘଟଣାରେ କ୍ଷୋଭ ପ୍ରକାଶ କଲେ ସଞ୍ଜୟ ଦାସ ବର୍ମା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦୁଇ ଦିନ ତଳେ ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବାଳିହରଚଣ୍ଡି ପୀଠରେ ଏକ ଛାତ୍ରୀକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ସୋମବାର ଏହି ଘଟଣା ଗଣମାଧ୍ୟମରେ ଖବର ଆସିଲା । ଏହାକୁ ଅନୁସନ୍ଧାନ କଲେ ଜଣାଯାଇଛି ଯେ ରାଜ୍ୟରେ ମହିଳା ଅସୁରକ୍ଷିତ । ସମସ୍ତଙ୍କ ମଧ୍ୟରେ ଏହି ଘଟଣା କମ୍ପନ ସୃଷ୍ଟି କରିଛି । ପୀଡ଼ିତା ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଦୁର୍ବୃତ୍ତଙ୍କୁ ଏବେ ପର୍ଯ୍ୟନ୍ତ ପୋଲିସ ଧରିପାରିନି । ବିଶ୍ୱ ଆଧ୍ୟାତ୍ମିକ କେନ୍ଦ୍ର ଜଗନ୍ନାଥଙ୍କ ଜିଲ୍ଲାରେ ବାଲି ହାରଚଣ୍ଡି ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳ ଏବେ ବି ସୁରକ୍ଷିତ ନୁହେଁ । ବାଲି ହରାଚଣ୍ଡିରେ ଏକ ପୋଲିସ ଆଉଟ୍ ପୋଷ୍ଟ ବା ଫାଣ୍ଡି ପ୍ରସ୍ତୁତ କରାଯାଉ । ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ରହିବ ଯେ କେବଳ ପୁରୀ ଜିଲ୍ଲା ନୁହେଁ ବରଂ ରାଜ୍ୟର ସମସ୍ତ ପର୍ଯ୍ୟଟନ ସ୍ଥଳୀକୁ ସୁରକ୍ଷିତ ରଖାଯାଉ । ସବୁଠି ପର୍ଯ୍ୟାପ୍ତ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଉ । ସମ୍ବେଦନଶୀଳ ଆଭିମୁଖ୍ୟ କୁ ନେଇ ଯତ୍ନବାନ ହୁଅନ୍ତୁ ସରକାର । ଗତ ୨ ବର୍ଷ ହେବ ବହୁ ପର୍ଯ୍ୟଟନ ସ୍ଥଳରେ ପୋଲିସ ଫାଣ୍ଡି ପ୍ରସ୍ତୁତ କରିବା ପାଇଁ ଦାବି ଉଠିଛି ।

## ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ : ଏଥର ପୁରୀରେ ୪ଟି କେନ୍ଦ୍ରରେ ରହିବେ ହବିଷ୍ୟାଳି

**ପୁରୀ, ୧୬।୯ :ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଅକ୍ଟୋବର ୭ରୁ ଆରମ୍ଭ ହେବ କାର୍ତ୍ତିକ ବ୍ରତ । ବିଗତ ବର୍ଷମାନଙ୍କ ଭଳି ଏ ବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀ ପୁରୀରେ ରହି ହବିଷ ବ୍ରତ ପାଳନ କରିବେ । କେବଳ ଅନ୍‌ଲାଇନ୍ ମାଧ୍ୟମରେ ହବିଷ୍ୟାଳି ମା'ମାନଙ୍କର ପଞ୍ଜୀକରଣ କରାଯିବ । ବ୍ରତଧାରୀ ମାନଙ୍କୁ ୪ଟି ରହଣି କେନ୍ଦ୍ର ଯଥା- ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟସ୍ଥଳରେ ରଖାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି ।

ସର୍କିଟ ହାଉସ୍‌ଠାରେ ହବିଷ ବ୍ରତ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି



ଜିଲ୍ଲାପାଳ ଶ୍ରୀ ପରିଡ଼ା ହବିଷ୍ୟାଳି ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ ହବିଷ୍ୟାଳି କେନ୍ଦ୍ରଗୁଡ଼ିକ ହବିଷ ବ୍ରତ ଆରମ୍ଭ ପୂର୍ବରୁ ପ୍ରସ୍ତୁତ ରଖିବା, ମା'ମାନଙ୍କର ଭଲ ଭାବେ ରହଣି ବ୍ୟବସ୍ଥା, ପାନୀୟଜଳ, ଶୌଚାଳୟ, ଆଲୋକ, ସ୍ୱାସ୍ଥ୍ୟ ସେବା ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି କହିଲେ ଯେ, ଏଥର ୪ଟି ଜାଗାରେ ରହଣି ବ୍ୟବସ୍ଥା କରାଯାଉଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀମାନେ ଏହାକୁ ଅନୁଧ୍ୟାନ କରିଛନ୍ତି ବୋଲି କହିଥିଲେ । ହବିଷ୍ୟାଳି ଯୋଜନାରେ ବୟସ୍କା ମା'ମାନେ ରହୁଥିବାବେଳେ ସରକାରଙ୍କ ପରାମର୍ଶ କ୍ରମେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ଯୋଗାଇବାକୁ ବ୍ୟବସ୍ଥା କରୁଛି । ସେମାନଙ୍କ ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗଗୁଡ଼ିକୁ ପରାମର୍ଶ ଦେଇଥିଲେ । ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯିବ ।

## ବିଶ୍ୱକର୍ମା ପୂଜାରେ ସ୍ଥାନୀୟ ଲୋକଙ୍କ ପାଇଁ ଭେଟି : ତରାବୋଇ ପାସେଞ୍ଜର ହଲ୍ଟ

**ଭୁବନେଶ୍ୱର/ଜଟଣୀ, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନରେ ଖୋର୍ଦ୍ଧା ରୋଡ୍ ଏବଂ ଖୋର୍ଦ୍ଧା ଟାଉନ୍ ରେଳ ଷ୍ଟେସନ ମଧ୍ୟରେ ଥିବା ତରାବୋଇ ଠାରେ ଏକ ନୂତନ ପାସେଞ୍ଜର ହଲ୍ଟକୁ ୧୭ ସେପ୍ଟେମ୍ବର ୨୦୨୫ (ମଙ୍ଗଳବାର) ଦିନ ଅପରାହ୍ନ ୪ଘ. ୩୦ ମିନିଟ୍ ସମୟରେ ଉଦ୍‌ଘାଟନ କରାଯିବ ।

ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ଦ୍ୱାରା ଜଟଣୀର ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ପାସେଞ୍ଜର ହଲ୍ଟକୁ ଉଦ୍‌ଘାଟନ କରାଯିବ । ଆଇଆଇଟି ଭୁବନେଶ୍ୱର ନିକଟରେ ଅବସ୍ଥିତ ନୂତନ ତରାବୋଇ ପାସେଞ୍ଜର ହଲ୍ଟ ସିଆଳିପାଟଣା, ଖୁଦୁପୁର, ତରାବୋଇ, ବଣିଆଟାଙ୍ଗୀ, ହରିଡାମଡା, ହରିପୁର, କୋରାଙ୍ଗ, ପିତାପଲି, ସମପୁର, ବାଜପୁର ଏବଂ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଅତ୍ୟନ୍ତ ସୁବିଧା ପ୍ରଦାନ କରିବ । ଏହି ପାସେଞ୍ଜର ହଲ୍ଟ ବିଶେଷ ଭାବରେ ଆଇଆଇଟି ଭୁବନେଶ୍ୱର, ନାଇଜର, ଜିଆଇଇଟି, ମହାରାଜା ପଲିଟେକ୍ନିକ୍, ମହାରାଜା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଆଇନଷ୍ଟାଇନ୍ ଏକାଡେମୀ ଅଫ୍ ଟେକ୍ନୋଲୋଜି, ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଏବଂ ଟେମ୍ପୁଲ୍ ସିଟି ଏକାଡେମୀ ଅଫ୍ ଟେକ୍ନୋଲୋଜି ଆଣ୍ଡ ଇଞ୍ଜିନିୟରିଂ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ର ଏବଂ କର୍ମଚାରୀମାନଙ୍କୁ ଲାଭ ପ୍ରଦାନ କରିବ । ଏହି ହଲ୍ଟ ପ୍ରସ୍ତାବିତ ଜିଲ୍ଲା ମେଡିକାଲ୍ ହସ୍ପିଟାଲ ଓ ମେଡିକାଲ୍ କଲେଜକୁ ମଧ୍ୟ ସେବା ପ୍ରଦାନ କରିବ । ପ୍ରତିଦିନ ଯାତ୍ରୀମାନଙ୍କୁ ସେବା ଯୋଗାଇବା ସହିତ, ତରାବୋଇ ପାସେଞ୍ଜର ହଲ୍ଟ ଖୋର୍ଦ୍ଧା ଦୁର୍ଗ, ଐତିହାସିକ ବରୁଣେଇ ପାହାଡ଼ ଏବଂ ବରୁଣେଇ ମନ୍ଦିରକୁ ରେଳ ସଂଯୋଗୀକରଣ ଉନ୍ନତ କରି ପର୍ଯ୍ୟଟନକୁ ବୃଦ୍ଧି କରିବ । ଏହି ବର୍ଦ୍ଧିତ ସୁଗମତା ଅଧିକ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ଲାଭ ଦେବ ଏବଂ ଏହି ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର କରିବ ବୋଲି ଆଶା କରାଯାଉଛି ।

ଜାନୁଆରୀ ୨୦୨୪ ରେ ରେଳ ବୋର୍ଡ ଦ୍ୱାରା ଅନୁମୋଦିତ ତରାବୋଇ ପାସେଞ୍ଜର ହଲ୍ଟ ସେପ୍ଟେମ୍ବର ୨୦୨୫ରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି । ଏହି ଅଞ୍ଚଳର ପାଞ୍ଚରୁ ଅଧିକ ଗ୍ରାମ ପଞ୍ଚାୟତକୁ ସେବା ଯୋଗାଇବା ପାଇଁ ପାସେଞ୍ଜର ହଲ୍ଟକୁ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି ଯେଉଁଥିରେ ଅନ୍ତର୍ଭୁକ୍ତ ଅଛି- ପାନୀୟ ଜଳ (ହ୍ୟାଣ୍ଡପମ୍ପ), ପ୍ରତୀକ୍ଷା ହଲ୍, ୦୬ ବେ ସହିତ ପ୍ଲାଟଫର୍ମ ଆଶ୍ରୟସ୍ଥଳ, ପର୍ଯ୍ୟାପ୍ତ ଆଲୋକୀକରଣ, ରେଳ ସ୍ତରର ପ୍ଲାଟଫର୍ମ, ସମୟ ସାରଣୀ ବୋର୍ଡ ଏବଂ ଯାତ୍ରୀଭଡା ଚାର୍ଟ, ଡଷ୍ଟବିନ୍ ଏବଂ ଶୌଚାଳୟ ।

ଚାରି ଯୋଡ଼ା ଟ୍ରେନ୍ ୬୮୪୪୩/୬୮୪୪୪ ଭଦ୍ରକ-ଦସପଲ୍ଲା-ଭଦ୍ରକ ମେମୁ, ୬୮୪୨୯/୬୮୪୩୦ ଭୁବନେଶ୍ୱର-ଦସପଲ୍ଲା-ଭୁବନେଶ୍ୱର ମେମୁ, ୧୮୪୨୩/୧୮୪୨୪ ଭୁବନେଶ୍ୱର-ଦସପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ ଏବଂ ୬୮୪୪୯/୬୮୪୫୦ ପୁରୀ-ଦସପଲ୍ଲା-ପୁରୀ ମେମୁ ନୂତନ ଭାବରେ ପ୍ରଦାନ କରାଯାଉଥିବା ତରାବୋଇ ପାସେଞ୍ଜର ହଲ୍ଟରେ ରହଣି ପ୍ରଦାନ କରିବ । ଏହି ନୂତନ ପାସେଞ୍ଜର ହଲ୍ଟ ଷ୍ଟେସନର ଉଦ୍‌ଘାଟନ ଭାରତୀୟ ରେଳବାଇର ଶେଷ ମାଇଲ ସଂଯୋଗୀକରଣକୁ ଉନ୍ନତ କରିବା, ଯାତ୍ରାର ସହଜତା ପ୍ରଦାନ କରିବା ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରଙ୍କୁ ...

ବୈଠକ ଶେଷରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହର ସୁପରିଚାଳନା ନିମନ୍ତେ ବିରୋଧି ଦଳର ସହଯୋଗ ଲୋଡାଯାଇଛି ବୋଲି କହିବା ସହିତ ମୌସୁମୀ ଅଧିବେଶନ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।ସର୍ବଦଳୀୟ ବୈଠକ ପରେ ପ୍ରତିକ୍ରିୟା ରଖି ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକରେ ସବୁ ଦଳର ସହଯୋଗ ଲୋଡିଥିଲେ । ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ବିରୋଧି ଦଳ ଗୃହ କାର୍ଯ୍ୟରେ ସହଯୋଗ କରିବ । ତେବେ ସରକାରଙ୍କ ବିରୋଧରେ ମାଳମାଳ ଅଭିଯୋଗ-ପ୍ରସଙ୍ଗ ରହିଛି । ବିରୋଧିଦଳ ପକ୍ଷରୁ ସେଗୁଡିକୁ ଗୃହରେ ଆଲୋଚନା ପାଇଁ ଉପସ୍ଥାପନ କରାଯିବ । ବିଶେଷ କରି ଚାଷୀ ଓ ସାର ସମସ୍ୟା, ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ହ୍ରାସ, ମହିଳା ବିରୋଧି ହିଂସା ବୃଦ୍ଧି ଆଦି ପ୍ରସଙ୍ଗରେ ବିରୋଧିଦଳ ସରକାରଙ୍କ ଠାରୁ ଜବାବ ମାଗିବ । କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡାମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ସରକାରଙ୍କ ବିରୋଧରେ ଅନେକ ପ୍ରସଙ୍ଗ ରହିଛି, ଯାହାକୁ କଂଗ୍ରେସ ଦଳ ତରଫରୁ ଗୃହରେ ଉଠାଯିବ । ଅଧିବେଶନର ପ୍ରଥମ ଦିନରେ ଆସୀନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଲୋଚନା ଓ ଶ୍ରଦ୍ଧାଞ୍ଜଳି ପରେ ଦିନକ ପାଇଁ ତାଙ୍କ ସମ୍ମାନାର୍ଥେ ବିଧାନସଭା ମୁଲତବୀ ରହିବ । ମୌସୁମୀ ଅଧିବେଶନର ଅବ୍ୟବହିତ ପୂର୍ବରୁ ବୁଧବାର ବିଭିନ୍ନ ରାଜନୈତିକ ଦଳ ମୁଖ୍ୟତଃ ବିରୋଧି ଦଳ (ବିଜେଡି), କଂଗ୍ରେସ ଏବଂ ଶାସକ ବିଜେପି ବିଧାୟକ ଦଳର ବୈଠକ ପୃଥକ ଭାବେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି । ଏହି ବୈଠକରେ ରଣନୀତି ଉପରେ ଆଲୋଚନା କରାଯାଇ ଚୁଡାନ୍ତ ରୂପରେଖ ନିର୍ଦ୍ଧାରଣ କରାଯିବ ବୋଲି ଜଣାପଡିଛି ।

## ପ୍ରଧାନମନ୍ତ୍ରୀ ...

ଆଦି ସମସ୍ତ କିଛି ବୃକ୍ଷ ସହିତ ଏକାନ୍ତ ଭାବେ ଜଡିତ । "ବୃକ୍ଷ" କେବଳ ପ୍ରାକୃତିକ ସମ୍ପଦ ନୁହେଁ ବରଂ ମାନବଜୀବନର ରକ୍ଷାକର୍ତ୍ତା ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିବା ସହିତ ଝାରସୁଗୁଡା, ତାଳଚେର, କଳିଙ୍ଗ ନଗର ଭଳି ଶିଳ୍ପାଞ୍ଚଳ, ସ୍ୱଳ୍ପ ବୃଷ୍ଟିପାତ ହେଉଥିବା ଅଞ୍ଚଳ, ଟାଙ୍ଗରା ଭୂମିରେ ଅଧିକରୁ ଅଧିକ ଚାରା ରୋପଣ କରିବା ସହିତ ଏହାର ଉପଯୁକ୍ତ ଯତ୍ନ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । କଥାରେ ଅଛି ଛୁଆ ଟିଏ ଜନ୍ମ କରିଦେଲେ ହେବନି, ଛୁଆକୁ ମଣିଷ କରିବା ଗୁରୁତ୍ୱପୂର୍ଣ୍ଣ । ଠିକ ସେହିପରି ଚାରା ଟିଏ ରୋପଣ କରିଦେଲେ ହେବନି ଏହାକୁ କିପରି ବୃକ୍ଷରେ ରୂପାନ୍ତରିତ କରିବା ସେ ଦିଗରେ ଯତ୍ନବାନ ହେବାପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଗତବର୍ଷ ଓଡ଼ିଶା 'ଏକ ପେଡ୍ ମା କେ ନାମ' ପ୍ରଥମ ସଂସ୍କରଣ ଅଭିଯାନ ଅନ୍ତର୍ଗତ ୬.୭୨ କୋଟି ଚାରା ରୋପଣ ସହିତ ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ପାଇଁ ଓଡ଼ିଶାରେ ୭.୫ କୋଟି ବୃକ୍ଷ ରୋପଣର ଲକ୍ଷ ଧାର୍ଯ୍ୟ କରିଛନ୍ତି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷାକରି ବିଗତ ୪୫ ଦିନ ମଧ୍ୟରେ ୪.୭ କୋଟି ବୃକ୍ଷ ରୋପଣ କରିସାରିଛି ବୋଲି ସେ ସୂଚନା ଦେବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଭାସୀ ବୈଠକରେ ସାଧୁବାଦ ଜ୍ଞାପନ କରିଛନ୍ତି । ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ଛାତ୍ର-ଛାତ୍ରୀ, ଯୁବ ପିଢ଼ି, ସଚେତନ ନାଗରିକ ସମାଜ, ବନ ସୁରକ୍ଷା ସମିତି /ଇକୋ ଡେଭଲପମେଣ୍ଟ କମିଟିର ସଦସ୍ୟ-ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, 'ମୋ ଭାରତ' ସ୍ୱେଚ୍ଛାସେବକ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଶିଳ୍ପ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମସ୍ତ ସରକାରୀ ଓ ସାମାଜିକ ଅନୁଷ୍ଠାନମାନଙ୍କୁ ବୁଧବାର କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ସାମିଲ ହୋଇ ଚାରା ରୋପଣର ଫଟୋ ମେରୀ ଲାଇଫ ପୋର୍ଟାଲରେ ଅପଲୋଡ କରିବା ପାଇଁ ଅନୁରୋଧ କରିଛନ୍ତି । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ମଧ୍ୟରେ ୭୫ ଲକ୍ଷ ଊର୍ଦ୍ଧ୍ୱ ଚାରା ରୋପଣ କାର୍ଯ୍ୟ ଶେଷ କରିବାକୁ ତୃଣମୂଳସ୍ତରର ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମେରୀ ଲାଇଫ ପୋର୍ଟାଲରେ ଅପଲୋଡ କରିବା ଦ୍ୱାରା ଚାରାର ପରବର୍ତ୍ତୀ ପ୍ରଗତି ସମ୍ପର୍କିତ ତଥ୍ୟ ଆକଳନ କରିବାକୁ ସୁବିଧା ହେବ ତେଣୁ ଏହି ପୋର୍ଟାଲରେ ଅପଲୋଡ କରିବାକୁ ନ ଭୁଲିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହି ଆଭାସୀ ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି ରାଜେଶ, ବରିଷ୍ଠ ବିଭାଗୀୟ ଅଧିକାରୀ, ସାରା ରାଜ୍ୟର ବନଖଣ୍ଡ ଅଧିକାରୀ ଯୋଗ ଦେଇଥିଲେ ।

## ନୂଆପଡାରେ ୫୬ଟି ...

ବୈଠକ ସେପ୍ଟେମ୍ବର ୧୫ ତାରିଖରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ମାନଙ୍କୁ ସଂଶୋଧନର ସମସ୍ତ ପର୍ଯ୍ୟାୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଜିଲ୍ଲା ୟୁନିଟଗୁଡ଼ିକୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜନୈତିକ ଦଳମାନଙ୍କୁ ଚିଠା ଭୋଟର ତାଲିକା ଉପଲବ୍ଧ କରାଯାଇଛି ।

## କଟକରେ ସ୍ୱତନ୍ତ୍ର ଉନ୍ନୟନ...

ଭଗତପୁର ସୂତା ମିଲ୍‌ର ପୁନରୁଦ୍ଧାର, କଟକର ୱେଲସ୍ପନ ଟେକ୍ସଟାଇଲସ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି, କଟକ ବାଙ୍କୀ, ଆଠଗଡ଼ ଏବଂ କଟକର ବିଭିନ୍ନ ସ୍ଥାନରେ ଶୀତଳ ଭଣ୍ଡାର ପ୍ରକଳ୍ପ ସ୍ଥାପନ, ନରାଜ ଠାରେ ଭୂମି ବିକାଶ ଯୋଜନା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟାକୁ ସମାଧାନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେବା ସହିତ କଟକ ଜିଲ୍ଲାପାଳଙ୍କୁ ଆବଶ୍ୟକ ସମନ୍ୱୟ ପାଇଁ ପରାମର୍ଶ ଦେଇଛନ୍ତି ।

## ପୁରୀ ଗଣବଳାତ୍କାର ...

ନାଟକୀୟ ଚିନ୍ତା ପ୍ରକାଶ କରୁଥିବା ବେଳେ ଅପରାଧୀମାନେ ଦିବାଲୋକରେ ମୁକ୍ତ ଭାବେ ଘୁରି ବୁଲୁଛନ୍ତି । ଗୋପାଳପୁର, ବାଲେଶ୍ୱର, ବଳଙ୍ଗା ପରି ଅନେକ ଘଟଣାର ପୀଡ଼ିତାଙ୍କୁ ନ୍ୟାୟ ମିଳିନାହିଁ । ସେ ଅଭିଯୋଗ କରିଛନ୍ତି, ବିଜେପି ସରକାର ମହିଳାଙ୍କ ସୁରକ୍ଷା ଓ ସଶକ୍ତିକରଣରେ ବିଫଳ ହୋଇଛନ୍ତି, ଯାହା ଓଡ଼ିଶାର ଆନ୍ତର୍ଜାତୀୟ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇପାରେ ।ଶୁକ୍ରବାର ବ୍ରହ୍ମଗିରିରେ ଜଣେ ଯୁବତୀ ମନ୍ଦିର ଦର୍ଶନ ବେଳେ ଗଣବଳାତ୍କାର ଶିକାର ହୋଇଥିଲେ । ପୋଲିସ ଅଭିଯୋଗ ପରେ ଚାନ୍ଦିପୁର ଗାଁର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ପଠାଇଛି । ତଦନ୍ତ ଜାରି ରହିଛି ।

## ଆଜିଠୁ ଆରମ୍ଭ ...

ନେଇ ସରକାର ଡିଜିଟାଲ ଡାଟା ବେସ୍ ତିଆରି କରିବେ । ବିଭିନ୍ନ କ୍ୟାନସର, ଋତୁସ୍ରାବ ସମସ୍ୟା ଓ ଅପପୁଷ୍ଟି ସ୍ଥିତି ନେଇ ଯାଞ୍ଚ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଏହି ଅଭିଯାନକୁ ମଧ୍ୟପ୍ରଦେଶରୁ ଶୁଭାରମ୍ଭ କରିବେ ।

## ୨୪ ଓ ୨୫ରେ ...

ସେପ୍ଟେମ୍ବର ୨୪ ତାରିଖ ଦିନ ମଧ୍ୟାହ୍ନ ସାଢ଼େ ୧୨ଟାରୁ ସେପ୍ଟେମ୍ବର ୨୫ ତାରିଖ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନୋ-ଫ୍ଲାଏ ଜୋନ୍ ହେବ । ଏହି ଅଞ୍ଚଳର ଲମ୍ବ ପ୍ରାୟ ୧,୪୩୦ କିଲୋମିଟର ସ୍ଥିର କରାଯାଇଛି । ଏହି ସମୟ ମଧ୍ୟରେ, ସମୁଦ୍ରର ସେହି ଅଂଶକୁ ବିମାନ କିମ୍ବା ଜାହାଜ ଯାଇପାରିବେ ନାହିଁ ।

## କଳିଙ୍ଗା ଘାଟିରେ...

ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି ।ପଥର ଓ ମାଟି ଅତଡ଼ା ଖସିବା ଫଳରେ ରାସ୍ତା ବନ୍ଦ ହୋଇଯିବା ଯୋଗୁଁ ଗଞ୍ଜାମ ଜିଲ୍ଲାରୁ କନ୍ଧମାଳ ସହ ପଶ୍ଚିମ ଓଡିଶାର ବିଭିନ୍ନ ସହରକୁ ଯାତାୟତ ଠପ ହୋଇଯାଇଛି । ରାସ୍ତା କେତେବେଳେ ଖୋଲିବ କହିବା ଅସମ୍ଭବ । କାରଣ ଯେଉଁଭଳି ଭାବେ ବିପଦପୂର୍ଣ୍ଣ ଅବସ୍ଥାରେ ଏହି ରାସ୍ତା ରହିଛି, ଏଠାରେ ଆବର୍ଜନା କାଢ଼ିବା ବିପଦପୂର୍ଣ୍ଣ ରହିଥିବା ଏବଂ ସଂକୀର୍ଣ୍ଣ ରାସ୍ତା ପୁରା ମାଟି ଓ ପଥର ଭରି ହୋଇ ରହିଛି । ସୌଭାଗ୍ୟ ବଶତଃ କୌଣସି କ୍ଷୟ କ୍ଷତି ହୋଇନଥିବା ବେଳେ ଖବର ପାଇ ସ୍ଥାନୀୟ ପୁଲିସ ଏବଂ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି ।

## ବାଳିହରଚଣ୍ଡୀ ଘଟଣାରେ ଆଜି ସବୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ମହିଳା ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମଗିରିର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଳିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ପ୍ରେମିକକୁ ଗଛରେ ବାନ୍ଧି ତା' ସମ୍ମୁଖରେ ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା ଲୋକ-ଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ଜନତା ଦଳ ମଙ୍ଗଳବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରଦାନ ଓ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ମହିଳାଙ୍କୁ ସୁରକ୍ଷା ପ୍ରଦାନ ଦାବିରେ, ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାର ଏସ୍‌ପି ଅଫିସ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ତରଫରୁ ଧାରଣା ଦିଆଯିବା ସହିତ ଏହି ସମ୍ବନ୍ଧରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ ।

ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳାଙ୍କୁ ନିର୍ଯ୍ୟାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ବ୍ରହ୍ମଗିରିର ପ୍ରସିଦ୍ଧ ଶକ୍ତିପୀଠ ମା' ବାଳିହରଚଣ୍ଡୀ ନିକଟ ଜଙ୍ଗଲରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିର ସଦ୍ୟତମ ନମୁନା । ଏହି ଘଟଣା ଗୋପାଳପୁର ବେଳାଭୂମିରେ ଘଟିଥିବା ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି । ଦୁଷ୍କର୍ମ ଓ ନାରୀ ନିର୍ଯ୍ୟାତନା ଉଦ୍‌ବେଗ-ଜନକ ଭାବେ ବୃଦ୍ଧି ପାଉଥିବାରୁ ଓଡ଼ିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି ।ସେହିପରି ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଲଜ୍ଜାଜନକ ବୋଲି ଦେଇଥିବା ମନ୍ତବ୍ୟ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲା । କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି । ତେଣୁ ବୁଧବାର ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ମହିଳା ଜନତା ଦଳ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ।

ଡ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହିଳାଙ୍କ ବିରୋଧରେ ଅପରାଧ ସୀମା ସରହଦ ଉଲ୍ଲଙ୍ଘନ ହୋଇଛି । ରାଜ୍ୟରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି । ଗତ ୧୪ ମାସର ବିଜେପି ଶାସନରେ, ସମସ୍ତ ବର୍ଗର ବ୍ୟକ୍ତି ମାନଙ୍କ ଭିତରୁ, ମହିଳାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ରାଜ୍ୟ ସରକାର ମହିଳା ସୁରକ୍ଷାର ଡିଣ୍ଡିମ ପିଟୁଛନ୍ତି । ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ସମସ୍ତ ଲଭର୍ସ ପଏଣ୍ଟରେ ସୁରକ୍ଷା ପ୍ରଦାନ ପାଇଁ ଘୋଷଣା କରିଥିଲେ । ବାଳିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ପରେ ଶ୍ରୀମତୀ ପରିଡ଼ାଙ୍କ ଘୋଷଣା ପାଣିରେ ଗାର ସଦୃଶ୍ୟ ହୋଇଛି । ମିନତୀ ବେହେରା କହିଥିଲେ, ମହିଳା ମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ମହିଳା ଓ ଶିଶୁ ଡେସ୍କଗୁଡିକ ବର୍ତ୍ତମାନ କାର୍ଯ୍ୟ କରୁନାହିଁ । ଯାହାଫଳରେ ଅତ୍ୟାଚାରର ଶିକାର ହେଉଥିବା ମହିଳା ମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାଛଡା ୧୮୧ ହେଲ୍ପଲାଇନ ମଧ୍ୟ କାର୍ଯ୍ୟ କରୁନାହିଁ । ଗତ ୧୪ ମାସ ବିଜେପି ଶାସନରେ, ରାଜ୍ୟରୁ ଯୁବତୀ ଚାଲାଣ ମଧ୍ୟ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ଏଥିପ୍ରତି ନିଘା ନାହିଁ । ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ମହିଳାଙ୍କ ସୁରକ୍ଷା ପାଇଁ ଲଢେଇ ଜାରି ରଖିବ ।

## ଗଞ୍ଜାମ ବ୍ଲକ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ରୋଟାରି କ୍ଲବ ପକ୍ଷରୁ ଗଞ୍ଜାମ ବ୍ଲକର ଶିକ୍ଷକ ଗଜେନ୍ଦ୍ର ମାଝୀ, ଲକ୍ଷ୍ମଣ ନାହାକଙ୍କ ସମେତ ବରିଷ୍ଠ ଶିକ୍ଷକ କୈବଲ୍ୟ ପ୍ରସାଦଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର ପ୍ରଦାନ କରାଯାଇଛି । ଏହି ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍କୃଷ୍ଟ ୫୬ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ ଶିକ୍ଷକ ଭବାନୀ ଶଙ୍କର ପଟ୍ଟନାୟକଙ୍କ ମଧ୍ୟ ନାମ ଘୋଷଣା କରାଯାଇଥିଲା । ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରାଜ୍ୟପାଳ ଆରଟିଏନ ମନୋଜ ତ୍ରିପାଠୀ ଯୋଗ ଦେଇ ମୌଳିକ ଶିକ୍ଷା ଏବଂ ସାକ୍ଷାରତାକୁ ପ୍ରୋତ୍ସାହିତ କରିବାରେ ରୋଟାରି କ୍ଲବ ବ୍ରହ୍ମପୁରର ପଦକ୍ଷେପକୁ ପ୍ରଶଂସା କରିଥିଲେ ।

## ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଅସୁସ୍ଥ, ଘରୋଇ ହସ୍ପିଟାଲରେ ଭର୍ତ୍ତି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆଉ ଜଣେ ଅଭିନେତା ଅସୁସ୍ଥ । ଓଲିଉଡ୍‌ର ଷ୍ଟାଇଲିସ ହିରୋ ବୁଦ୍ଧାଦିତ୍ୟ ମହାନ୍ତି ଅସୁସ୍ଥ ହୋଇଛନ୍ତି । କଫ, ଫୁସଫୁସ୍ ସଂକ୍ରମଣ ଯୋଗୁଁ ଅସୁସ୍ଥ ହୋଇଥିବା ଜଣା ପଡ଼ିଛି । ଯାହାପରେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖବର ଅନୁଯାୟୀ, କିଛି ଦିନ ତଳେ ଓଲିଉଡ୍‌ରେ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଲିଭର ସିରସିସ୍ ରୋଡ୍‌ରେ ପୀଡ଼ିତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ପ୍ରଥମେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା । ହେଲେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥିତ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ସୁଦ୍ଧା ଅଭିଜିତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି । ତେବେ ଗୋଟିଏ ପଟେ ଅଭିଜିତ ମଜମୁଦାର ଚିକିତ୍ସିତ ହେଉଥିବା ବେଳେ ଏବେ ବୁଦ୍ଧାଦିତ୍ୟ ମହାନ୍ତି ଅସୁସ୍ଥ ହୋଇଛନ୍ତି । ମଙ୍ଗଳବାର ଦିନ ହଠାତ୍ ବୁଦ୍ଧାଦିତ୍ୟ ମହାନ୍ତି କଫ, ଫୁସଫୁସ୍ ସଂକ୍ରମଣ ଯୋଗୁଁ ଅସୁସ୍ଥ ହୋଇପଡିଥିଲେ । ଯାହାପରେ ତୁରନ୍ତ କଟକ ସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି ।

MM-193

GOVERNMENT OF ODISHA
OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION
Near Jail Chowk e-mail id – dfo.sambalpur@odisha.gov.in
BID IDENTIFICATION No. F&E /SBP/01 (online)/2025-26
E-procurement notice
No. 01 Dated 16.09.2025

The Divisional Forest Officer, Sambalpur Forest Division, on behalf of Governor of Odisha, invites Percentage Rate bids in Single cover System in ONLINE MODE.

| | | | |
|---|---|---|---|
| 1. | Nature of work | :- | Construction of Forest Guard Quarters |
| 2. | Tender Cost | :- | Rs.6000/- |
| 3. | Class of Contractor | :- | "C" & "D" class Contractors |
| 4. | Availability of bid document in the website. | :- | 18:00 Hours of 17.09.2025 to 17:30 Hours of 13.10.2025 |
| 5. | Date of Opening of Tenders | :- | 11:30 Hours on dt.14.10.2025 |

6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only.

Sd/- Divisional Forest Officer
Sambalpur Forest Division
OIPR-08104/11/0021/2526

ଭୁବନେଶ୍ୱର
୧୭ ସେପ୍ଟେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଦ୍ୱିତୀୟ ନ୍ୟାସନାଲ ମେଡ଼ିଏସନ୍ କର୍ମଶାଳା ପ୍ରସ୍ତୁତିର ସମୀକ୍ଷା କଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୬।୯
ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୨୮ ତାରିଖରେ ଏଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ନ୍ୟାସନାଲ ମେଡ଼ିଏସନ୍ କର୍ମଶାଳାର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅତିଥିମାନଙ୍କ ଆଗମନ ସମୟ, ସେମାନଙ୍କ ରହଣି ଓ କର୍ମଶାଳା ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ଏଥି ସହିତ ବିଭିନ୍ନ ରାଜ୍ୟରୁ ଆସୁଥିବା ମନ୍ତ୍ରୀଗଣ, ବିଚାରପତି, ଆଇନ ସଚିବ, ଆଡ୍‌ଭୋକେଟ୍ ଜେନେରାଲ, ଆଇନ ବିଶେଷଜ୍ଞ ଏବଂ ଅତିଥିଗଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ଏବଂ ଓଡ଼ିଶାର କଳା, ସଂସ୍କୃତି, ପର୍ଯ୍ୟଟନ ସହିତ ଅବଗତ କରାଇବା ନେଇ ଆଲୋଚନା ହୋଇଥିଲା। ଏଥି ସହ ରହଣି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଓଡ଼ିଶାର ପାଟବସ୍ତ୍ର, ହସ୍ତତନ୍ତ ଏବଂ କଳାକୃତିର ପ୍ରଚାରପ୍ରସାର ପାଇଁ ଏଠାରେ ହସ୍ତତନ୍ତ ପ୍ରଦର୍ଶନୀ ଖୋଲାଯିବା ନେଇ ମନ୍ତ୍ରୀ ପରାମର୍ଶ ଦେଇଥିଲେ।



ଏହି ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରଞ୍ଜିତା ଜେନା, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ବିମାନ ବନ୍ଦର ପ୍ରାଧିକରଣର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୧.୪୦ କୋଟି ମୂଲ୍ୟର ନିଶାଦ୍ରବ୍ୟ ଜବତ : ୧୧୭ ଗିରଫ

ଭୁବନେଶ୍ୱର, ୧୬।୯
ନ୍ୟୁଜ୍‌ବ୍ୟୁରୋ

ଅବକାରୀ ବିଭାଗର ଏନଫୋର୍ସମେଣ୍ଟ ସ୍ପେଶିଆଲ ଡ୍ରାଇଭ୍ ଅଧୀନରେ ୧୫ ଦିନରେ ମଧ୍ୟ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଯାଇଛି ଓ ଯେଉଁଥିରେ ୧.୪୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବେଆଇନ ସାମଗ୍ରୀ ଜବତ କରାଯାଇଛି।

ରାଜ୍ୟବ୍ୟାପୀ ଚାଲିଥିବା ଅଭିଯାନରେ ୨୧୬ଟି ମାମଲା ରୁଜୁ ହେବା ସହ ବେଆଇନ ମଦ ଏବଂ ନାରକୋଟିକ୍ ବ୍ୟବସାୟ ସହିତ ଜଡ଼ିତ ୧୧୭ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ୧୧,୪୫୧ ଲିଟର ଆଇଡି ଲିକର, ୩୬୭ ଲିଟର ଡ୍ୟୁଟି-ପେଡ୍ ଲିକର, ୧,୦୫, ୨୪୦ ଲିଟର ପୋଚ ନଷ୍ଟ କରାଯାଇଛି ଓ ଏଥି ସହ ୧୬୦୦ କିଲୋଗ୍ରାମ ମହୁଲ ଫୁଲ ଓ ଚୋରାଚାଲାଣ ପାଇଁ ବ୍ୟବହୃତ ୨୪ଟି ଯାନ ଜବତ ହୋଇଛି। ନାରକୋଟିକ୍ ବିରୋଧୀ ସ୍ୱତନ୍ତ୍ର ଅଭିଯାନରେ ୧୪ଟି ଏନଡିପିଏସ୍ ମାମଲା ରୁଜୁ ହେବା ସହ ୬୮ କିଲୋଗ୍ରାମ ଗଞ୍ଜେଇ ଓ ୩୮ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ରାଜ୍ୟରେ ଅବୈଧ ମଦ ତଥା ନାରକୋଟିକ୍ କାରବାରକୁ ରୋକିବା ପାଇଁ ଏହି ବିଶେଷ ଅଭିଯାନକୁ ଆଗାମୀ ଦିନରେ ଆହୁରି ତୀବ୍ର କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।






# ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ହେବ ସକ୍ଷମ ଅଙ୍ଗନୱାଡି : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୯
ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪ ହଜାର ୨୨୪ ଅଙ୍ଗନବାଡି ଅଭିଯାନ ମୋଡ୍‌ରେ ସକ୍ଷମ ଅଙ୍ଗନୱାଡ଼ିରେ ରୂପାନ୍ତରିତ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ୯୧୩ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ ଅବସରରେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହଭାଗିତାରେ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କରକମଳରେ ରାଜ୍ୟର ୯୧୩ଟି ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ତୃଣମୂଳସ୍ତରରେ ଅଙ୍ଗନୱାଡ଼ି କେନ୍ଦ୍ର ହେଉଛି ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ। ବହୁ ପ୍ରତୀକ୍ଷା ପରେ ମଙ୍ଗଳବାର ରାଜ୍ୟରେ ୯୧୩ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିଜର ଗୃହ ମିଳିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦୃଢ ମତ ରଖିଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଶେଷ ଦୃଷ୍ଟି ଦେବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। "ଆସ ବୁଲିଯିବା ଅଙ୍ଗନୱାଡ଼ି" ଅଭିଯାନରେ ୨ ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇ ଏହି ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣିତ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି।



ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ସମ୍ବଲପୁରରୁ ଆଭାସୀ ମାଧ୍ୟମରେ ଯୋଗ ଦେଇ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟ ଜଳ ସୁବିଧା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ଅଙ୍ଗନୱାଡ଼ି କେନ୍ଦ୍ର, ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ମୂଳଦୁଆ ବୋଲି ମନ୍ତ୍ରୀ ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ଜିଲ୍ଲାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ନିଜର ଖୁସି ବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ଅରୂପ କୁମାର ସାହୁ, ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଏନଜିଓମାନଙ୍କ ସହ ଆଲୋଚନା କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ



ଭୁବନେଶ୍ୱର, ୧୬।୯:ନ୍ୟୁଜ୍‌ବ୍ୟୁରୋ

ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଏନଜିଓଗୁଡିକଙ୍କ ସହ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଲୋଚନା କରିଛନ୍ତି। ଜନସାଧାରଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହ ଜନସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଲକ୍ଷ୍ୟ ବିଷୟରେ ସେମାନଙ୍କୁ ଅବଗତ କରାଯାଇଛି। ସେହିପରି ଆସନ୍ତା ୧୭ ତାରିଖରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମଧ୍ୟପ୍ରଦେଶ ଧାର ଜିଲ୍ଲାରୁ ଶୁଭାରମ୍ଭ ହେବାକୁ ଥିବା 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ସମ୍ପର୍କରେ ଆଲୋଚନା କରିଛନ୍ତି। ସମସ୍ତ ମହିଳା ଏବଂ ବାଳିକାମାନେ କିଭଳି ଏହି ଯୋଜନା ଦ୍ୱାରା ଉପକୃତ ହେବେ ଏବଂ ଏହି ଅଭିଯାନକୁ ସଫଳ କରାଇବା ପାଇଁ ପ୍ରୟାସ କରିବା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଏନଜିଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ., ଏନଏଚଏମ ମିଶନ ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି. ଏବଂ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ଜିଲ୍ଲାର ଏନଜିଓଗୁଡିକ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ।


